● ମିଳିଲାନି ରନ୍ଧନ ଗ୍ୟାସ

# ୧୦ ଦିନ ପାଉଁରୁଟି, ବିସ୍କୁଟ ଖାଇଲେ ମେସ୍ ଛାତ୍ରୀ

ସୁନାବେଡ଼ା,୨୦।୪(ସମିସ): ଇରାନ ଆମେରିକା ଯୁଦ୍ଧ ପାଇଁ ଏବେବି ଗ୍ୟାସ ସଂକଟ ଟଳିନି। ଗ୍ୟାସ ନମିଳିବାରୁ ମେସ୍ କରି ରହୁଥିବା କଲେଜ ଛାତ୍ରୀ ୧୦ଦିନରୁ ଉର୍ଦ୍ଧ୍ୱ ହେଲା ବ୍ରେଡ୍ ଓ ବିସ୍କୁଟ ଖାଇ ରହିଛନ୍ତି। ଏହା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ସୁନାବେଡ଼ା ପୌରାଞ୍ଚଳର ୬ନଂ ୱାର୍ଡରେ। ସୁନାବେଡ଼ା ମହିଳା କଲେଜ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର କିଛି ଛାତ୍ରୀମାନେ ଏଇଏଫ୍ କଲୋନୀରେ ଭଡ଼ାରେ ମେସ କରି ରୁହନ୍ତି। ରନ୍ଧନ ଗ୍ୟାସ ନମିଳିବାରୁ ୧୦ ଦିନରୁ ଉର୍ଦ୍ଧ୍ୱ ହେଲାଣି ରୋଷେଇ ବନ୍ଦ। ବ୍ରେଡ ଓ ବିସ୍କୁଟ ଖାଇ ଦିନ ବିତାଉଥିଲେ କଲେଜ ଛାତ୍ରୀ। ବାଧ ହୋଇ ଶେଷରେ ଗାଁକୁ ସୋମବାର ପଳେଇଥିବା ଜଣାପଡ଼ିଛି।

● ଆନ୍ଧ୍ର-ଓଡ଼ିଶା ଅବକାରୀ ବିଭାଗର ମିଳିତ ଚଢ଼ଉ

# ବିପୁଳ ପରିମାଣର ପୋଚ ଓ ମଦ ନଷ୍ଟ



ନାରାୟଣପାଟଣା,୨୦।୪(ସମିସ): ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଅବକାରୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବନ୍ଧୁଗାଁ ଥାନା ଅର୍ନ୍ତଗତ ଆଲମଣ୍ଡା ପଞ୍ଚାୟତର ବୃନ୍ଦାବନବୃନ୍ଦାବନ କର୍ଲି, ଭତରାପିଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବା ନାଳରେ ବେଧଡକ ମଦ ରନ୍ଧା ଖବର ପାଇ ଆନ୍ଧ୍ର ଏବଂ ଓଡିଶା ଅବକାରୀ ଷ୍ଟାଫ ମିଶି ଚଢ଼ଉ କରିଥିଲେ। ୮୪୦୦ ଲିଟର ଗୁଡ ମିଶ୍ରିତ ପୋଚ ଏବଂ ୧୦୦ ଲିଟର ଦେଶୀ ମଦ ଓ ୫୪୦ କିଲୋ ଗୁଡ ଜବତ କରି ନଷ୍ଟ କରିଛନ୍ତି। ଆନୁମାନିକ ମୂଲ୍ୟ ୪ ଲକ୍ଷ ୫୦ହଜାରେ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଏବଂ ୩ଗୋଟି ମାମଲା ରୁଜୁ ହୋଇଛି। ଏଥିରେ କୋରାପୁଟ ରେଞ୍ଜ ନିରୀକ୍ଷକ ସୁଧୀର କୁମାର ସାହୁ, ଡିଏଫଓ ନିରୀକ୍ଷକ ଚନ୍ଦ୍ରଶେଖର ପଡ଼ିହାରୀ, ଡ଼ିଏଫସି ଉପ ନିରୀକ୍ଷକ ଇନଚାର୍ଜ ଦିବାକର ମହାପାତ୍ର, ନାରାୟଣପଟଣା ଉପନିରୀକ୍ଷକ ବିଶ୍ୱଜିତ ପାଣିଗ୍ରହୀ ଓ ସହଉପ ନିରୀକ୍ଷକ ଉମେଶ କୁମାର ଦୋରା ଓ ଅବକାରୀ କର୍ମଚାରୀମାନେ ଏବଂ ଆନ୍ଧ୍ରପ୍ରଦେଶର ଅବକାରୀ ବିଭାଗର ୪୦ ଜଣ ଅଫିସର ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




ନବରଙ୍ଗପୁର,୨୦।୪(ସମିସ): ଆଜି ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ ଟି ଅଭିଯୋଗ ର ସମାଧାନ ତତକ୍ଷଣାତ କରାଯାଇଥିଲା।ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗ ଙ୍କୁ ୩ ଟି ହୁଇଲ ଚେୟାର ଓ ୧୨ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ସହାୟତା କାର୍ଡ ପ୍ରଦାନ କରାଯାଇଥିଲା।

# କାଜୁ ବାଡ଼ରୁ ୱାର୍ଡମେମ୍ବରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗୁଣୁପୁର,୨୦।୪(ସମିସ): ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ କୁଲୁସିଂ ପଞ୍ଚାୟତର ଏଞ୍ଜିତାଲ କାଜୁ ବାଡ଼ରୁ ଜଣେ ୱାର୍ଡମେମ୍ବରଙ୍କ ଝୁଲନ୍ତା ମୃତଦେହ ପୁଲିସ୍ ଉଦ୍ଧାର କରିଛି। ମୃତକ ହେଲେ ଖାଡାସି ଗ୍ରାମର ୱାର୍ଡମେମ୍ବର ଜିୟୁଶୟ ଶବର (୩୪)। ପୁଲିସ୍ ପହଞ୍ଚି ଶବ ଜବତ କରି ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଆଜି ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବିଦ୍ୟୁଲତା ନାୟକ କହିଛନ୍ତି।

## ତେନ୍ତୁଳିଖୁଣ୍ଟି ବ୍ଲକକୁ ଅବହେଳା

# ମିଳିତ ମଞ୍ଚର ଜନଗର୍ଜନ ସମାବେଶ; ବ୍ଲକ ଘେରାଉ




ତେନ୍ତୁଳିଖୁଣ୍ଟି,୨୦।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ବିକାଶ ବାଟବଣା ହୋଇଛି। ଜିଲ୍ଲାର ଉପାନ୍ତ ତଥା ଅବହେଳିତ ବ୍ଲକ ଭାବରେ ରହିଛି ତେନ୍ତୁଳିଖୁଣ୍ଟି। ଫଚାୟତ କ୍ଷେତ୍ରରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଅଣଦେଖା ତଥା କ୍ଷମତା ସଂକୁଚିତ କରି ରଖାଯାଉଛି। ଗ୍ରାମସଭାରେ ଆବଶ୍ୟକତା ଥିବା ଉନ୍ନୟନ କାର୍ଯ୍ୟ ଗୁଡିକୁ ଅଣଦେଖା କରାଯାଇ ତ୍ରିସ୍ତରୀୟ ବ୍ୟବସ୍ଥାକୁ ମାଡି ମକଚି କେବଳ କିଛି ଶାସକ ଦଳୀୟ କର୍ମୀଙ୍କୁ ନେଇ ବିଭାଗୀୟ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏମିତି ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଦାବି ନେଇ ଜନଗର୍ଜନ ସମାବେଶ ଆୟୋଜନ କରିଛନ୍ତି ଉଭୟ କଂଗ୍ରେସ ଏବଂ ବିଜେଡି ମିଳିତ ମଞ୍ଚ।ତେନ୍ତୁଳିଖୁଣ୍ଟି ବିଡ଼ିଓଙ୍କ ଜରିଆରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ତ୍ରିସ୍ତରୀୟ ଫଚାୟତ ବ୍ୟବସ୍ଥାରେ ଫଚାୟତ ପ୍ରତିନିଧିଙ୍କ କ୍ଷମତା ୨୦୨୪ ଭଳି ବଜାୟ ରଖିବା, ପଲ୍ଲିସଭା ଓ ଗ୍ରାମସଭାରେ ଜନପ୍ରତିନିଧିଙ୍କ ଜାଣତରେ ଫଚାୟତ ସମିତି ପାଣ୍ଠି ବିନିଯୋଗ, ସରକାରୀ ପ୍ରକଳ୍ପରେ ସ୍ୱଚ୍ଛତା ସହ ଅନ୍ୟ ବିଭାଗ ପ୍ରକଳ୍ପ ବିବରଣୀ ପଞ୍ଚାୟତକୁ ଅବଗତ କରି ଗୋଟିଏ କାମରେ ଏକାଧିକ ବିଲ ଭଳି ଦୁର୍ନୀତି ବନ୍ଦ କରିବା, ବିଧବା ମହିଳାଙ୍କୁ ଭତ୍ତା, ଅଚଳ ନଳକୂପ ମରାମତି ସହ ଖାତିଗୁଡା ବସୁଧା ପ୍ରକଳ୍ପ ଲକ୍ଷ ଅନୁସାରେ ଜଳ ଯୋଗାଣ, ନବୀନ ଓଡିଶାରେ ହୋଇଥିବା ପ୍ରକଳ୍ପର ଦେୟ ପ୍ରଦାନ, ଖେଳ ସାମଗ୍ରୀ ଦୁର୍ନୀତି ଅଭିଯୋଗର ନିରପେକ୍ଷ ତଦନ୍ତ, ଅଞ୍ଚଳରେ ଆଉ ଏକ ଜାତୀୟକରଣ ବ୍ୟାଙ୍କ ଖୋଲିବା, ପ୍ରସ୍ତାବିତ ଜେଏମଏଫସି କୋର୍ଟ ତୁରନ୍ତ ସ୍ଥାପନ, ବ୍ଲକରେ ଆଇଟିଆଇ ଶିକ୍ଷାକେନ୍ଦ୍ର ସ୍ଥାପନ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଦନ୍ତ ଚିକିତ୍ସା ସହ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ଆଦି ଅନେକ ଦାବି ନେଇ ଗର୍ଜନ କରିଛନ୍ତି ମିଳିତ ମଞ୍ଚ। ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନରଞ୍ଜନ ତ୍ରିପାଠୀ,ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ,ଯୁବନେତା ଅଖିଳ ଭତରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ମଣ୍ଟୁ ଭତରା,କିଶୋର ଚନ୍ଦ୍ର ସିଂ,ଟୁନାବାବୁ ଷଡ଼ଙ୍ଗି ଙ୍କ ସମେତ ସରପଞ୍ଚ ସମିତି ସଭ୍ୟ ସଭ୍ୟା ଙ୍କ ସମେତ ଉଭୟ ଦଳର ଶତାଧିକ କର୍ମୀଙ୍କ ଉପସ୍ଥିତରେ ଦାବିପତ୍ର ପ୍ରଦାନ କରାଯାଇଛି।

# ମଦ ବନ୍ଦ ପାଇଁ ପ୍ରଶାସନକୁ ନାରୀ ମହାସଂଘର ଦାବିପତ୍ର



ପାପଡାହାଣ୍ଡି,୨୦।୪(ସମିସ): ପାପଡାହାଣ୍ଡି ବ୍ଲକର ନାରୀ ମହାସଂଘର ମା'ମାନେ ଆଜି ମିଳିତ ହୋଇ ଅଞ୍ଚଳରେ ମଦ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି। ହଜାରେରୁ ଉର୍ଦ୍ଧ୍ୱ ମହିଳା ହାତରେ ଠେଙ୍ଗା ଧରି ଅଞ୍ଚଳରେ ଦେଶୀ ମଦଭାଟି ଏବଂ ବିଦେଶୀ ମଦ ବନ୍ଦ ସହିତ ବେଆଇନ ଭାବେ ବିକ୍ରି କରୁଥିବା ଲୋକଙ୍କୁ ତୁରନ୍ତ ଗିରଫ କରିବାକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପାପଡାହାଣ୍ଡି ବ୍ଲକ ପ୍ରଶାସନ ନିକଟରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ପ୍ରଶାସନକୁ ଚେତାଇ ଦେଇଛନ୍ତି ଯେ, ପ୍ରଶାସନ ଯଦି କିଛି ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ନାରୀ ମହାସଂଘ ଏହାର ଉଚିତ ଜବାବ ଦେବ। ଅଞ୍ଚଳରେ ସ୍କୁଲରେ ପଢୁଥିବା ପିଲାଠାରୁ ବୟସ୍କ ସମସ୍ତେ ଏଥିରେ ମଦ ଅଭ୍ୟସ୍ତ। ଏମାନେ ଟଙ୍କା ନ ପାଇଲେ ଘରେ ଥିବା ଧାନ, ଚାଉଳ, ଦରକାରୀ ଜିନିଷ ପତ୍ର ବିକ୍ରି କରି ଦେଉଛନ୍ତି। ମଦପିଇ ଅନେକ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପଡୁଥିବା ଏବଂ ଘରେ ଘରେ ଅଶାନ୍ତି ସୃଷ୍ଟି ହେଉଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଆଜିର ଏହି ଦାବିପତ୍ର ନବରଙ୍ଗପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପାପଡାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁଙ୍କୁ, ନବରଙ୍ଗପୁର ଅବକାରୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ପାପଡାହାଣ୍ଡି ଅବକାରୀ ଏସଆଇ ସମୀର ସ୍ୱାଇଁଙ୍କୁ ଏବଂ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ପାପଡାହାଣ୍ଡି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପାପଡାହାଣ୍ଡି ପଞ୍ଚାୟତର ଦଳେଇଗୁଡ଼ା, ମାଝୀଗୁଡା ଗ୍ରାମର ମହିଳା, ପୋଣ୍ଡିକୋଟ ପଞ୍ଚାୟତ, ସିରିସୀ ପଞ୍ଚାୟତ, ପାତ୍ରୀ ପଞ୍ଚାୟତ ର ମହିଳା, ପାପଡାହାଣ୍ଡି ଥାନା ଅନ୍ତର୍ଗତ ଅମଳାଭଟା ପଞ୍ଚାୟତର ଡେଙ୍ଗାଗୁଡ଼ା ଗ୍ରାମର ମହିଳାଙ୍କ ସହିତ ଜିଲ୍ଲା ନାରୀ ମହାସଂଘର ଉପଦେଷ୍ଟା ରାଜେଶ ଜାନି, ଜିଲ୍ଲା ସଂଗଠକ ଦେବ ରାଜ ନାଗ, ଜିଲ୍ଲା ସମ୍ପାଦିକା ପାର୍ବତୀ ଧୁରୁଆ, ଜିଲ୍ଲା ଉପସଭାନେତ୍ରୀ ଶ୍ରୀମତୀ ମାଝୀ, ଶଶୀମୋହନ ଶର୍ମା, ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପଟାଙ୍ଗି,୨୦।୪(ସମିସ): ପଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ କୁନ୍ଦୁଲି ହାଟପଦାଠାରେ ଡ଼ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଆମ୍ବେଦକର ସୋସାଇଟି କୁନ୍ଦୁଲି ହାଟପଦା ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଅ ସୋସାଇଟି ସଭାପତି ଧନୁର୍ଜୟ ତକଲୀୟାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଯୋଗ ଦେଇ ପ୍ରତିମୂର୍ତ୍ତିଟିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ପଟାଙ୍ଗି ଜୋନ ୧ ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା ଏବଂ ସମାଜସେବୀ ସାମ୍ବା ପାଙ୍ଗି ପ୍ରମୁଖ ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆମ୍ବେଦକର ସୋସାଇଟି କୁନ୍ଦୁଲି ହାଟପଦାର ଉପସଭାପତି ଭଗବାନ ଗୋଲରି, ସମ୍ପାଦକ ବାବୁଲା ପାଙ୍ଗି, ସହ ସମ୍ପାଦକ କୃଷ୍ଣ ନାୟକ, କୋଷାଧକ୍ଷ ସତ୍ୟନନ୍ଦ ସାଆନ୍ତା, ଉପଦେଷ୍ଟା ଜୟସେନ୍ ପଡ଼ାସେଠି ଏବଂ ଅନ୍ୟ ସଦସ୍ୟ ଗଣ ତଥା ସୁନି ଖରା, ଦାଉତ ପାଙ୍ଗି, ସାଗର ବଡବୁରା, ଆନନ୍ଦ ମଇରା, ନୀଳ, ଲଚୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଶ୍ରୀଜୟଦେବ ଜୟନ୍ତୀ ଓ ଅକ୍ଷୟ ତୃତୀୟା




ନବରଙ୍ଗପୁର,୨୦।୪(ସମିସ): "ଶ୍ରୀତକମଳା କୁଚମଣ୍ଡଳ ହେ ଧୃତ କୁଣ୍ଡଳ ହେ ... ଜୟ ଜୟ ଦେବ ହରେ..."। ମହାକବି ଜୟଦେବଙ୍କ ଅମର ସୃଷ୍ଟି 'ଗୀତ ଗୋବିନ୍ଦ'ର ଏହି ମଧୁର ମୂର୍ଚ୍ଛନା ମଧ୍ୟରେ ଆଜି ନବରଙ୍ଗପୁର ଜିଲ୍ଲା ସଂସ୍କୃତି ଭବନ ପରିସରରେ ପବିତ୍ର ଅକ୍ଷୟ ତୃତୀୟା ଓ ଶ୍ରୀଜୟଦେବ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରପାଳିକା ଅଧକ୍ଷ କୁନୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ଏବଂ ବିଶିଷ୍ଟ କବି ତଥା ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ଜୟଦେବଙ୍କ ସାରସ୍ୱତ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସ୍ୱାଗତ ଭାଷଣ ସହ ସଭାଟିକୁ ଆୟୋଜନ ଓ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡି.ସି.ସି. ସଙ୍ଗୀତ ସ୍କୁଲର ଛାତ୍ରଛାତ୍ରୀମାନେ ସଙ୍ଗୀତ ଗୁରୁ ଯୁଗଳ କିଶୋର ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଭଜନ ଗାଇଥିଲେ। ଏହି ଅବସରରେ ଜିଲ୍ଲାର ବହୁ ବିଶିଷ୍ଟ ବକ୍ତା ଓ ସାରସ୍ୱତ ସାଧକ ନିରଞ୍ଜନ ମିଶ୍ର, ସଙ୍ଗୀତା ତ୍ରିପାଠୀ, ବିଜୟ ମିଶ୍ର, ବିଜୟ ଚୌଧୁରୀ, ଜେମାମଣି ବିଷୋୟୀ, ମନୋରମା ମାଝୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ,ମନୋଜ ପଟ୍ଟନାୟକ ଏବଂ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି କାର୍ତ୍ତିକ ଭତ୍ରା ପ୍ରମୁଖ ଯୋଗଦେଇ ମହାକବି ଜୟଦେବଙ୍କ ଜୀବନୀ, ତାଙ୍କ ପତ୍ନୀ ପଦ୍ମାବତୀଙ୍କ ସମର୍ପଣ ଏବଂ ଜଗନ୍ନାଥ ସଂସ୍କୃତି ସହ ଗୀତ ଗୋବିନ୍ଦର ନିବିଡ଼ ସମ୍ପର୍କ ବିଷୟରେ ଚମତ୍କାର ଭାବେ ବର୍ଣ୍ଣନା କରିଥିଲେ। ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତି ସହକାରୀ ଆକ ପ୍ରକାଶ ସାହୁ ଏବଂ କର୍ମଚାରୀ ଏ. ସନ୍ତୋଷ କୁମାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିଏମ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ନବରଙ୍ଗପୁର,୨୦।୪(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନକୂଲ୍ୟରେ ରାଜ୍ୟସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ନବରଙ୍ଗପୁର କଲେଜ ପଡ଼ିଆ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛପଟ କଳାହାଣ୍ଡି ପଡ଼ିଆଠାରେ ଆରମ୍ଭ ହୋଇଯାଇଛି। ପ୍ରାକ୍ତନ ସର୍ବଭାରତୀୟ ସନ୍ତୋଷ ଟ୍ରଫି ଖେଳାଳି ପ୍ରଶାନ୍ତ ବେହେରା ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ କ୍ରୀଡା ସଂଘର ଉପ ସଭାପତି ଏମ ବାଲା କ୍ରୀଷ୍ଣା ରାଓ ଏବଂ ବରିଷ୍ଠ କ୍ରୀଡ଼ାବିତ ଶୁଭେନ୍ଦୁ ବେହେରା ଯୋଗ ଦେଇଥିଲେ। କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ଗହଣ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ଏବଂ ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ପ୍ରମୁଖ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭଲିବଲ୍, ଖୋକ, କବାଡି ଏବଂ ଫୁଟବଲ୍ ବିଭାଗରେ ଜିଲ୍ଲାର ଉଭୟ ବରିଷ୍ଠ ଏବଂ କନିଷ୍ଠ ବର୍ଗର ୧୦ ଗୋଟି ବାଳକ ଏବଂ ୬ ଗୋଟି ବାଳିକା ଦଳ ଭାଗ ନେଉଛନ୍ତି।

## ଜିଲ୍ଲାକୋର୍ଟ ରାସ୍ତା ମାପଚୂପ ଏବଂ ଚିହ୍ନଟ ପ୍ରକ୍ରିୟା

# ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ



ଜୟପୁର,୨୦।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ରହିଥିବା ଜିଲ୍ଲା କୋର୍ଟ ରାସ୍ତା ଅଣଓସାରିଆ ରହିଥିବା ବେଳେ ଏହା ବିଚାରବିଭାଗ (ଆଇନ)ର ନାମରେ ରହିଛି। କିନ୍ତୁ ଦୀର୍ଘବର୍ଷ ହେଲାଣି ଏହି ରାସ୍ତାର ପାଶ୍ୱର୍ବର୍ତ୍ତୀ ଜମି ବାହାର ଲୋକଙ୍କ ଜବରଦଖଲ ସହିତ ଗୃହ ନିର୍ମାଣ କରିଛନ୍ତି। ଫଳରେ ରାସ୍ତା ଅଣଓସାରିଆ ହେବା ସହିତ ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହିପରି ଆଇନ ବିଭାଗ ପକ୍ଷରୁ ରାସ୍ତା ପାଇଁ ବିଭାଗର ଜମିକୁ ମାପଚୂପ କରିବା ସହିତ ବିଭାଗକୁ ହସ୍ତାନ୍ତର କରିବା ନେଇ ନିର୍ଦ୍ଦେଶକ୍ରମେ ଆଜି ରାଜସ୍ୱ ଏବଂ ପୌରସଂସ୍ଥା ବିଭାଗ ପକ୍ଷରୁ ପୁଲିସ ଉପସ୍ଥିତିରେ ମାପଚୁପ ଆରମ୍ଭ ହୋଇଥିଲା। କିନ୍ତୁ ସ୍ଥାନୀୟ ଲୋକମାନେ ପ୍ରବଳ ବିରୋଧ କରିଥିଲେ। ସ୍ଥାନୀୟ ପୌର କାଉନସିଲର ପ୍ରଣବ କିଶୋର ନାୟକଙ୍କ ନେତୃତ୍ୱରେ ସ୍ଥାନୀୟବାସିନ୍ଦାମାନେ କୋର୍ଟ ରାସ୍ତାକୁ ଅବରୋଧ କରିବା ସହିତ ରାସ୍ତା ଉପରେ ଧାରଣା ଦେଇଥିଲେ ଏବଂ ପ୍ରଶାସନ ବିରୋଧ ସ୍ଲୋଗାନ ଦେଇଥିଲେ। ଖବରପାଇ ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ଏବଂ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀ ସହିତ ଆଲୋଚନା କରିଥିଲେ। ଏହିପରି ଆନ୍ଦୋଳନକାରୀ ମାନେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଧାରଣାକାରୀ ଏବଂ ପ୍ରଶାସନ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ଏହି ମାପଚୁପ କରାଯାଉଛି, ତେଣୁ କୋର୍ଟ ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଲେ ସମସ୍ୟା ସୃଷ୍ଟି ହେବ ଏବଂ ପ୍ରଶାସନ ଏଥିନେଇ କୋଠର ପଦକ୍ଷପ ଗ୍ରହଣ କରିବେ ବୋଲି ଅଧିକାରୀମାନେ ବୁଝାଇଥିଲେ। ଏହାପରେ ଧାରଣାକାରୀମାନେ ଶାନ୍ତ ହୋଇଥିଲେ ଏବଂ ରାଜସ୍ୱ ବିଭାଗ ଏବଂ ପୌରସଂସ୍ଥା ପକ୍ଷରୁ ମାପଚୁପ କରାଯାଇଥିଲା। ଏହି ଅବସରରେ ଜୟପୁର ତହସିଲ ରାଜସ୍ୱ ଅଧିକ୍ଷକ ହରିହର ଶତପଥି, ଦିଲ୍ଲୀପ ପ୍ରଧାନ,ନିରୀକ୍ଷକ ସୌଭାଗ୍ୟ ସାହୁ, ପୌରସଂସ୍ଥାର ଅମିନ ଶୁଭସ୍ମିତା ଜେନା, ଅଭିଷେକ ସାନ୍ତାପାତ୍ର ପ୍ରମୁଖଙ୍କ ସମେତ ପୌର, ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଗତ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଗୃହ ନିର୍ମାଣ କରି ରହିଥିବା ବେଳେ କେତେକ ଜମିର ପଟ୍ଟା ରହିଥିବା ବେଳେ ଅଧିକାଂଶ ଜମିକୁ ଅସ୍ଥାୟୀ ଭାବେ ରହିବା ନେଇ ତହସିଲ ପକ୍ଷରୁ ଲିଖିତ ଭାବେ ଦିଆଯାଇଛି। ତେଣୁ ଯଦି ମାପଚୁପ ପରେ ଉଚ୍ଛେଦ କରାଯାଏ, ତାହା ହେଲେ ସେମାନଙ୍କ ଥଇଥାନ ବ୍ୟବସ୍ଥା କରାଯାଉ ବୋଲି କାଉନସିଲର ଶ୍ରୀ ନାୟକ ଏବଂ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ।

ସୂଚନା ଯୋଗ୍ୟ, ଜୟପୁର ସ୍ଥିତ ଜିଲ୍ଲା କୋର୍ଟ ତଥା ଆଇନ ବିଭାଗ ନାମରେ ସମୁଦାୟ ୨୪ ଏକର ୭୮ ଡେସିମିଲ ଜମି ରହିଛି। ସେଥିମଧ୍ୟରୁ ଜିଲ୍ଲା କୋର୍ଟ ରାସ୍ତା ନାମରେ ୧ଏକର ୧୬୮ ଡେସିମିଲ ଜମି ରହିଛି କିନ୍ତୁ ଏଥିରୁ ପ୍ରାୟ ଅର୍ଦ୍ଧାଧିକ ଜମିର ରାସ୍ତାର ଉଭୟ ପାଶ୍ୱର୍ରେ ଜବରଦଖଲ କରାଯାଇ ଗୃହ ନିର୍ମାଣ କରାଯାଇଛି। ଏହିପରି ଗତ ୨୦୨୫ ମସିହା ମେ ମାସ ୮ ତାରିଖରେ ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ମାପଚୂପ କରାଯାଇ ରଙ୍ଗ ଦିଆଯାଇ ଚିହ୍ନ କରାଯାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାଗଲା ନାହିଁ ପୁଣି ୧୧ ମାସ ଚୁପ ରହିବା ପରେ ପୁନର୍ବାର ମାପଚୁପ ଆରମ୍ଭ କରାଯାଇଛି।

# ମୃତ ଡ୍ରାଇଭରଙ୍କ ପରିବାରଙ୍କୁ ମହାସଂଘର ସହାୟତା



ନନ୍ଦାହାଣ୍ଡି,୨୦।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତ ଅନ୍ତର୍ଗତ ବରାଗାଁର ମୃତ ଇସ୍ରାଏଲ ବାଘଙ୍କ ପରିବାରକୁ ରବିବାର ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ଡ୍ରାଇଭର ମହାସଂଘ ତରଫରୁ ଚେକ୍ ଆକାରରେ ୩୦ହଜାର ଟଙ୍କା ଓ ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ ସମେତ ୯ ଗୋଟି ବ୍ଲକ ତରଫରୁ ନଗଦ ୧୧ହଜାର ଟଙ୍କା ପ୍ରଦାନ କରିଥିଲେ। ସର୍ବମୋଟ ୪୧ ହଜାର ଟଙ୍କା ମୃତ୍ୟୁକାଳୀନ ସହାୟତା ପରିବାର ବର୍ଗଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ସ୍ତ୍ରୀ ଓ ପିଲାଛୁଆ ସମେତ ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ରହି ଆର୍ଥିକ ସହାୟତା ଗ୍ରହଣ କରିଥିଲେ। ସହାୟତା ପ୍ରଦାନ ସମୟରେ ଜିଲ୍ଲା ସଭାପତି ଶୁଭମ୍ ରାଓ, ଜିଲ୍ଲା କୋଷାଧ୍ୟକ୍ଷ ମଧୁସୂଦନ ରାଓ, ନନ୍ଦାହାଣ୍ଡି ବ୍ଲକ ସଭାପତି ପୀତବାସ ଗରଡା, ଉପସଭାପତି ରାମଚନ୍ଦ୍ର ନାୟକ, ସହ ସମ୍ପାଦକ ଭଗବାନ ବିଷୋୟୀ, କୋଷାଧ୍ୟକ୍ଷ ଦୁର୍ଲଭ ମାଝୀ, ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ ସମେତ ବ୍ଲକସ୍ତରୀୟ ସଦସ୍ୟ ଉପସ୍ଥିତ ଥିଲେ।

# ସିୱାଇଏସ୍‌ଡି-ପ୍ରୟାସ ପ୍ରକଳ୍ପର ପ୍ରତିଷ୍ଠା ଦିବସ




ବୈପାରୀଗୁଡା,୨୦।୪(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମୁଣ୍ଡାଗୁଡା ସ୍ଥିତ ଆଞ୍ଚଳିକ ଜୀବନଜୀବିକା ତାଲିମ କେନ୍ଦ୍ର ପରିସରରେ ସିୱାଇଏସଡି-ପ୍ରୟାସ ପ୍ରକଳ୍ପର ୩୧ମତ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ "ସୁସ୍ଥ ମାଟି, ସୁସ୍ଥ ଚାଷୀ-ଅକ୍ଷୟ ହେଉ ଆମ ବିଶ୍ୱାସ' ଶୀର୍ଷକ ଏକ ଜଳବାୟୁସହନଶୀଳତା କୃଷିଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ସିୱାଇଏସଡି କର୍ମକର୍ତ୍ତା ନିରଂଜନ ଗୌଡ଼, ସରୋଜ ରାଉତ, ଅଜିତ ବିଶୋଇ, ସୁଶାନ୍ତ ହରିଜନ, ଏବଂ ବିସ୍ମୟ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀ ଓ ଯୁବ ପ୍ରତିନିଧିମାନେ ଜଳବାୟୁ ପରିବର୍ତ୍ତନକୁ ସାମ୍ନା କରି କିଭଳି ପାରମ୍ପରିକ ତଥା ଆଧୁନିକତା ଜ୍ଞାନ କୌଶଳ ପ୍ରୟୋଗ କରି ମାଟିରେ ଉର୍ବରତା ରକ୍ଷା କରାଯାଇପାରିବ, ସେ ନେଇ ନିଜେ ନିଜର ମତ ରଖିଥିଲେ। ପ୍ରୟାସ ପ୍ରକଳ୍ପର ଏହି ୩୧ ବର୍ଷର ଯାତ୍ରା ଅଞ୍ଚଳର ବିକାଶରେ ଏକ ମାଇଲଖୁଣ୍ଟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ପୁରାତନ ସାଥି, କର୍ମକର୍ତ୍ତା, ସ୍ଥାନୀୟ ଚାଷୀ, ଯୁବ ନେତୃତ୍ୱରେ କର୍ମକର୍ତ୍ତା ପ୍ରମୁଖ ମୋଟ ୬୦ ପ୍ରତିନିଧି ଉପସ୍ଥିତ ଥିଲେ।

## ଭାମିନି ଆଶ୍ରମ ବିଦ୍ୟାଳୟରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

# ପିଲାଙ୍କୁ ଅଣ୍ଡା ବଦଳରେ ଅଙ୍କୁର; ବିଦ୍ୟାଳୟରେ ଚରମ ଅବ୍ୟବସ୍ଥା




### ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଉମରକୋଟ,୨୦।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ଆଶ୍ରମ ବିଦ୍ୟାଳୟର ଛାତ୍ରାବାସରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣା ଅନୁଧ୍ୟାନ କରିବାକୁ ପହଞ୍ଚିଥିଲା ବିଜେଡ଼ିର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍। ମାତ୍ର ଦୁଇ ଦିନ ତଳେ ଛାତ୍ରାବାସକୁ ଆସିଥିବା ଛାତ୍ର ପ୍ରଶାନ୍ତଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି କେହି। ବିଜେଡିର ଏହି ପ୍ରତିନିଧି ଦଳ ଆଜି ବିଦ୍ୟାଳୟ ଗସ୍ତ କରି ସ୍ଥିତି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଦେଖିବାକୁ ମିଳିଥିଲା ବିଦ୍ୟାଳୟର ଚରମ ଅବ୍ୟବସ୍ଥା। ଛାତ୍ରଛାତ୍ରୀଙ୍କୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯିବା ସହ ଅତି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଦେଖିବାକୁ ପାଇଥିଲେ। ଏପରିକି ଡାଲି ଓ ଭାତ ସିଝି ନଥିବା ବେଳେ ପିଲାଙ୍କୁ ଏହା ଖାଇବାକୁ ଦିଆଯାଉଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଛାତ୍ରାବାସରେ ପିଲାଙ୍କୁ ଅଣ୍ଡା ବଦଳରେ ଅଙ୍କୁର ଦିଆଯାଉଥିବା ଛାତ୍ରମାନେ ଟିମ୍ ନିକଟରେ ପ୍ରକାଶ କରିଛନ୍ତି। ଜିଲ୍ଲା ମଙ୍ଗଳ ବିଭାଗର ଏଭଳି ଅବହେଳା ଯୋଗୁଁ ଆଜି ଛାତ୍ରାବାସରେ ପିଲାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି ବୋଲି ବରିଷ୍ଠ ନେତା ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି। ଏହି ଘଟଣା ପାଇଁ ସେ ସରକାରଙ୍କ ଉପରେ ବର୍ଷିବା ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି। ଜଣେ ଆଦିବାସୀ ହୋଇ ମଧ୍ୟ ସେ କିଭଳି ଆଦିବାସୀ ଛାତ୍ରଙ୍କୁ ଅଣଦେଖା କରୁଛନ୍ତି, ସେ ନେଇ ପ୍ରଶ୍ନ ଉଠାଇଛି ବିଜେଡି।

ଅନ୍ୟପଟେ ବିଧାୟକ ମନୋହର ରନ୍ଧାରୀ ମଧ୍ୟ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କ ବିଫଳତା ଯୋଗୁ ଜିଲ୍ଲାରେ ବାରମ୍ବାର ଏଭଳି ମୃତ୍ୟୁ ଘଟଣା ଘଟୁଛି ବୋଲି ସେ କହିଛନ୍ତି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତେବେ ଆଗାମୀ ଦିନରେ ଜିଲ୍ଲାରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହା ସହ ଛାତ୍ର ଜଣକ କିଭଳି ଆତ୍ମହତ୍ୟା କଲେ ଏବଂ କର୍ତ୍ତୃପକ୍ଷ କିଛି ଜାଣିପାରିଲେ ନାହିଁ, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦାବି ହୋଇଛି।ଏହି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍‌ରେ ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ଉମରକୋଟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଉମରକୋଟ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀନୀ ନବୀନା ନାୟକ, ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, କାଜମ ମଦାନୀ ପ୍ରମୁଖ ତଦନ୍ତ ନିମନ୍ତେ ବିଦ୍ୟାଳୟକୁ ଗସ୍ତ କରିଥିଲେ।

# ଉମରକୋଟରୁ ବିଶାଖାପାଟଣା ଗଡ଼ିଲା ୨ ଏସି ବସ୍




ଉମରକୋଟ,୨୦।୪(ସମିସ): ଆଜିଠାରୁ ଉମରକୋଟ ଠାରୁ ବିଶାଖାପାଟଣାକୁ ଗଡିଲା ଦୁଇ ନୂଆ ଏସି ବସ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ଏହି ଦୁଇଟି ନୂତନ ବସ୍ ସେବା ଆରମ୍ଭ କରାଯାଇଛି।କିନ୍ତୁ ଉମରକୋଟ ଓ ଆଖପାଖ ଯାତ୍ରୀମାନଙ୍କ ଆଉ ଗୋଟିଏ ଅଭିଯୋଗ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ କର୍ତ୍ତୃପକ୍ଷ ଏବେ ପର୍ଯ୍ୟନ୍ତ ପୂରଣ କରିବାରେ ବିଫଳ ହୋଇଛନ୍ତି। ତାହା ହେଉଛି ବହୁ ପୁରାତନ ଉମରକୋଟ ଠାରୁ ବିଜୟନଗରମ ଚାଲୁଥିବା ବସ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଉମରକୋଟ ଠାରୁ ବିଜୟନଗରମକୁ ସକାଳ ୮ ରେ ଚାଲୁଥିଲା ସରକାରୀ ବସ। ଉକ୍ତ ବସ ଦୁଇଟିକୁ ପରମିଟ ନଥିବା ଦର୍ଶାଇ ନବରଙ୍ଗପୁର ଆରଟିଓ ଉମରକୋଟ ଆଉ ଛାଡି ନଥିଲେ। ଏନେଇ କିଛିଦିନ ତଳେ ବିଜୟନଗରମ ଡିଟିଏମଙ୍କୁ ଅଭିଯୋଗ କରିବାରୁ ଗାଡି ଗୁଡ଼ିକର କାଗଜପତ୍ର ହୋଇଯାଇଛି, କିନ୍ତୁ ଗାଡି ନାହିଁ। ନୂତନ ଗାଡି ଆସିଲେ ଗାଡି ଚଳାଚଳ କରିବ ବୋଲି କହିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ପ୍ରତ୍ୟେକ ଜୋନ୍‌କୁ ନୂତନ ଗାଡି ଗୁଡିକ ଯୋଗାଇ ଦେଇଛନ୍ତି। ଏବେ ଦେଖିବାକୁ ବାକି ରହିଲା ବିଜୟନଗରମ ଡିଟିଏମ ନୂତନ ଗାଡି କେବେ ଚଳାଉଛନ୍ତି ନାଁ ଆସିଥିବା ନୂତନ ଗାଡି ଗୁଡ଼ିକୁ ଅନ୍ୟ ରୁଟରେ ଚଲାଇବେ।

# ବାଲ୍ୟ ବିବାହ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ



ପୋଡ଼ାଗଡ଼,୨୦।୪(ସମିସ): ସ୍ଥାନୀୟ ଦଶମନ୍ତପୁର ବ୍ଲକ ସଦର ଥାନା ପକ୍ଷରୁ ଆଜି ବାଲ୍ୟ ବିବାହ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଚରଣ ସିଂ ମାଝୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଇନଜୀବୀ ବିଶ୍ୱନାଥ ବିଶୋଇ, ପିଣ୍ଟୁ କୁଳଦିପ, ଯୋମୁନା ମହାନନ୍ଦିଆ, ବିଜେପି ବ୍ଲକ ସଂପାଦକ କୃପା ରାଇ, ମଣ୍ଡଳ ସଭାପତି ଦୀଲିପ ବାଘ, ସମାଜ ସେବୀ ପ୍ରତାପ ଚନ୍ଦ୍ର ଖୋସଲା, ସମିତିସଭ୍ୟା ଏଲ୍ ଇ ମଧୁସ୍ମିତା ବାଘ, ଏସ୍‌ଆଇ, ନିଳାଦ୍ରୀ କଅଁର, ଏଏସ୍‌ଆଇ ରବିନ୍ଦ୍ର ବଡ଼ କୁମାର ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଦିନକୁ ଦିନ ଅଞ୍ଚଳରେ ବାଲ୍ୟ ବିବାହ ବଢୁଛି। ଏହାଦ୍ୱାରା କମ୍ ବୟସରେ ସନ୍ତାନ ଜନ୍ମ ଦେଇ ନାବାଳିକା ସ୍ୱାସ୍ଥ୍ୟରେ କ୍ଷତି ଘଟୁଛି ଓ ଶାରିରୀକ, ମାନସିକ ଅବସ୍ଥା ଖରାପ୍ ହେବା ସହିତ, ରୋଗାକ୍ରାନ୍ତ ହେଉଛନ୍ତି ବୋଲି ସଚେତନ କରାଯାଇଥିଲା। ତେଣୁ ଗୋଟିଏ ଝିଅର ବୟସ ୧୮ ଏବଂ ପୁଅର ବୟସ ୨୧ରୁ ଅଧିକ ହେଲାପରେ ହିଁ ବିବାହ କରିବା ଆବଶ୍ୟକ ବୋଲି କୁହାଯାଇଥିଲା।

# ଶାଳକାଠ ସହ ସାଇକଲ ଜବତ; ୫ ଗିରଫ



ବୈପାରିଗୁଡା,୨୦।୪(ସମିସ): ଗୁପ୍ତେଶ୍ୱର ବନବିଭାଗର ଚଢ଼ଉରେ ଶାଳ କାଠ ସହ ସାଇକେଲ ଜବତ ହୋଇଥିବା ବେଳେ ପାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାଇ, ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀଙ୍କ ନିର୍ଦ୍ଦେଶକ୍ରମେ ଡାଲୁର ବନପାଳ ବ୍ରଜରାଜ ରନ୍ଧାରୀଙ୍କ ନେତୃତ୍ୱରେ ବନରକ୍ଷୀ ସିପ୍ରା ଦାସ, ସ୍ୱାଗତ ବେହେରା ଏବଂ ରତନ ଅମାନତ୍ୟ ଗତକାଲି ସନ୍ଧ୍ୟାରେ ଡାଲୁର ସଂରକ୍ଷଣ ଜଙ୍ଗଲରେ ପେଟ୍ରୋଲିଂ ପାଇଁ ବାହାରିଥିଲେ। ପେଟ୍ରୋଲିଂ ବେଳେ କିଛି କାଠ ମାଫିଆ କାଠ ସାଇଜ ଚୋରା ଚାଲାଣ କରୁଥିବା ଦେଖିବାକୁ ପାଇଥିଲେ। କାଠ ମାଫିଆଙ୍କୁ ଚଢ଼ଉ କରି ପାଞ୍ଚଖଣ୍ଡ ଶାଳ କାଠର ସାଇଜ ସହ ପାଞ୍ଚଟି ସାଇକେଲ ଜବତ କରାଯାଇଥିବା ବେଳେ ପାଞ୍ଚ ଜଣ କାଠ ମାଫିଆଙ୍କୁ ଗିରଫ କରାଯାଇଛି। ଆଜି ପାଞ୍ଚ କାଠ ମାଫିଆଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀ ପ୍ରକାଶ କରିଛନ୍ତି।

# ୧୫ ଜଣିଆ ମହିଳା କ୍ରିକେଟ୍ ଦଳ ଘୋଷିତ



ଜୟପୁର,୨୦।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ପ୍ରକାଶ ବିଦ୍ୟାଳୟ ଖେଳପଡ଼ିଆଠାରେ ଗତ ୩ ଦିନ ଧରି ଜିଲ୍ଲା ମହିଳା କ୍ରିକେଟ ଦଳର ଚୟନ ପ୍ରକ୍ରିୟା ଆଜି ଶେଷ ହୋଇଛି। ଓସିଏ ପକ୍ଷରୁ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ସଂଘର ସଦସ୍ୟ ଅନୁପ ପାତ୍ର, ରବି ନାୟକ ଏବଂ ଶ୍ରୀକାନ୍ତ ଚୌଧୁରୀ ଉପସ୍ଥିତ ରହି ୧୫ ଜଣିଆ ଚୟନ ଖେଳାଳିଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ପ୍ରିୟଙ୍କା ବର୍ମା(ଅଧିନାୟିକା), ନର୍ମତା ଏଡିଙ୍ଗି, ଆଲିଶା ବାନୋ, ଭାବନା ବର୍ମା, ସୁଧୃତି ରାଉତ, ଭଜଲା ବଂଶଲ, ପି. ପଦ୍ମାବତୀ, ମାଧୁରୀ ପାତ୍ର, ବିଦ୍ୟୁତ ପ୍ରଭା ତୁରୁକ, ସମ୍ବାରୀ ହରିଜନ, ଆର.ଗୀତାଞ୍ଜଳି, ଭାଗ୍ୟ ଶ୍ରୀ ଜେନା, ଗଙ୍ଗା ହଞ୍ଜାରିଆ, ସିମରନ ଅନୁଗୁଳିଆ, ସୁନିତା ଖିଲ ରହିଛନ୍ତି। ଏହି ଚୟନ ପ୍ରକ୍ରିୟାକୁ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଶୁଭାରମ୍ଭ କରିଥିଲେ ଏବଂ ଚୟନ କର୍ତ୍ତା ଭାବେ ଜି. ସତ୍ୟନାରାୟଣ, ସେଖ ରାଉଫ ରହିଥିଲେ। ଆସନ୍ତାକାଲି ସଂଧ୍ୟାରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆସନ୍ତା ୨୪ରେ କୋରାପୁଟ ଜିଲ୍ଲା ମହିଳା ଦଳ ପ୍ରଥମ ମ୍ୟାଚରେ ବରଗଡ଼ ଜିଲ୍ଲା ମହିଳା ଦଳ ସହିତ ମୁକାବିଲା କରିବ। ସେହିପରି ଏହି ଗ୍ରୁପରେ ଗଞ୍ଜାମ, ନୂଆପଡା ଏବଂ କିଟ୍ ଦଳକୁ ପରବର୍ତ୍ତୀ ପାର୍ଯ୍ୟାୟରେ ବିଭିନ୍ନ ତାରିଖ ମ୍ୟାଚ ଗୁଡିକ ଅନୁଷ୍ଠିତ ହେବ।

## ବୈପାରୀଗୁଡାରେ ଭାଲୁ ଆତଙ୍କ

# ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛି ବନ ବିଭାଗ

ବୈପାରୀଗୁଡା,୨୦।୪(ସମିସ): ବୈପାରୀଗୁଡାରେ ଭାଲୁ ଆତଙ୍କ। ଡାକବାଜି ଯନ୍ତ୍ରରେ ଲୋକଙ୍କୁ ରାତ୍ରିକାଳୀନ ସଚେତନତା ଆରମ୍ଭ କରିଛି ବୈପାରିଗୁଡା ବନବିଭାଗ। ଖରା ଆରମ୍ଭରୁ ଜଙ୍ଗଲରେ ଶୁଖିଗଲାଣି ଜଳଉତ୍ସ। ବନ୍ୟଜନ୍ତୁଙ୍କ ଲାଗି କାଦ୍ୟ ଅଭାବ ହୋଇଛି। ତେଣୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି ଭାଲୁ। ତିନି ଦିନ ଧରି ବୈପାରିଗୁଡା ଅଞ୍ଚଳରେ ଭାଲୁ ବୁଲୁଥିବା ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କେତେବେଳେ ଭାଲୁ ଗାଁରେ ପଶି ମାଟି ଖୋଳି ଉଇ ଖାଉଥିବା ଦେଖିବାକୁ ମିଳିଥିବା ବେଳେ ଗାଁ ନିକଟରେ ବହି ଯାଉଥିବା ନଦୀରୁ ପାଣି ପିଉଥିବା ମଧ୍ୟ ଲୋକେ ଦେଖିବାକୁ ପାଇଥିଲେ। ବର୍ତ୍ତମାନ କାଜୁ ଏବଂ ମହୁଲ ଫୁଲ ସମୟ ହୋଇଥିବାରୁ ଜଙ୍ଗଲରୁ ବାହାରି ଗାଁ ଭିତରକୁ ପଶି ଆସୁଥିବା ଦେଖିବାକୁ ମିଳିଛି। ଗୋଟିଏ ଭାଲୁ ଗାଁ ନିକଟସ୍ଥ ଗୋଟିଏ ଗଛରେ ଚଢ଼ି କୋଳି ଖାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଭାଲୁ ଗାଁ ମୁହାଁ ହେଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବୈପାରିଗୁଡା ବନବିଭାଗ ପକ୍ଷରୁ ରାତ୍ରକାଳୀନ ସଚେତନତା ଆରମ୍ଭ କରିଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରିବା ସହ ନିଆଁ ଲଗାଇ ଭାଲୁକୁ ସୁରକ୍ଷିତ ଅବସ୍ଥାରେ ଜଙ୍ଗଲ ଭିତରେ ସୁରକ୍ଷିତ ଭାବେ ଛାଡ଼ି ଦେଇଥିବା ବୈପାରିଗୁଡା ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# କୋଲନରାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ/କୋଲନରା,୨୦।୪(ସମିସ): ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କୋଲନରା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋସନାର ବର୍ଲା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବି, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୧୦ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ଟି ବ୍ୟକ୍ତିଗତ ଓ ୭ଗୋଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା ,ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରରେ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ତହସିଲଦାର ଭବାନୀ ଶଙ୍କର ମିଶ୍ର, ସହକାରୀ ଜିଲ୍ଲାପାଳ ଶିବ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧୦୮ ରେ ଅକ୍ସିଜେନ୍ ମିଳିଲାନି; ଚାଲିଗଲା ରୋଗୀଙ୍କ ଜୀବନ

ଲକ୍ଷ୍ମୀପୁର,୨୦।୪(ସମିସ): କୋରାପୁଟ ମେଡ଼ିକାଲରୁ ବ୍ରହ୍ମପୁର ସ୍ଥାନାନ୍ତରବେଳେ ଜଣେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଦୀନବନ୍ଧୁ କୁମ୍ଭାର ନିଜ ଘର ବୋରିଗୁମା ଥାନା ଅନ୍ତର୍ଗତ କୁମ୍ଭାରପୁଟରୁ ୧୯ ତାରିଖରେ ନିଜ ବାଇକରେ ଯାଉଥିବାବେଳେ ମାଲକାନଗିରି ଜିଲ୍ଲା ସିନ୍ଦିରିମାଲ ନିକଟରେ ଏକ ଗାଈ ସହ ଧକ୍କା ହୋଇଥିଲା। ପ୍ରଥମେ ତାଙ୍କୁ ମାଲକାନାଗିରି ମେଡ଼ିକାଲ ଓ ପରେ କୋରାପୁଟ ଓ ତାପରେ ବ୍ରହ୍ମପୁର ମେଡିକାଲରୁ ସ୍ଥାନାନ୍ତରବେଳେ ମୃତ୍ୟୁ ଘଟିଛି। ଲକ୍ଷ୍ମୀପୁର ଅତିକ୍ରମ କଲାପରେ ରପକଣା ନିକଟରେ ତାଙ୍କୁ ନେଉଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ଦେଖାଦେବାରୁ ଅନ୍ୟ ଏକ ୧୦୮କୁ ଯୋଗାଯୋଗ କରି ଡାକିଥିଲେ। ସେଥିରେ ଭର୍ତ୍ତି କରି ଅକ୍ସିଜେନ ଦେବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ଅକ୍ସିଜେନ ପାଇପ ଖରାପ ଥିବାରୁ ସମ୍ଭବ ହୋଇ ନ ଥିଲା। ପରେ ଆଉ ଏକ ୧୦୮ ଗାଡ଼ିକୁ ଯୋଗାଯୋଗ କରାଯାଇଥିଲା। ତାହା ଆସିବା ପ୍ରାୟ ଦୁଇ ଘଣ୍ଟା ବିଳମ୍ବ ହେବାରୁ ଲକ୍ଷ୍ମୀପୁର ମେଡ଼ିକାଲକୁ ଆଣି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ତାର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅକ୍ସିଜେନ ଅଭାବରୁ ମୋ ପୁଅର ମୃତ୍ୟୁ ହେଲା ବୋଲି ବାପା ଅଭିଯୋଗ କରିଛନ୍ତି।

# 'ହାଲ୍' ହନୁମାନ ମନ୍ଦିରରେ ଭାଗବତ କଥା ମହୋତ୍ସବ



ସୁନାବେଡ଼ା,୨୦।୪(ସମିସ): ସୁନାବେଡ଼ା ହାଲ ସହରାଞ୍ଚଳ ସ୍ଥିତ ହନୁମାନ ମନ୍ଦିର ପରିସରରେ 'ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ' କାର୍ଯ୍ୟକ୍ରମ ଏପ୍ରିଲ ୧୯ ତାରିଖରୁ ଆରମ୍ଭ ହୋଇଯାଇଛି। ଏହା ସେମିଳିଗୁଡା ଇସ୍କନ ମନ୍ଦିରର ଭକ୍ତବୃନ୍ଦଙ୍କ ଦ୍ୱାରା ଆୟୋଜିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପାଠ ପୂର୍ବକ ସୁନାବେଡ଼ା ହାଲ ସହରାଞ୍ଚଳ ପରିସରରେ ସଂକୀର୍ତ୍ତନ ଓ ନଗର ପରିକ୍ରମା କରାଯାଇଥିଲା। ଏହା ୧୯ ଏପ୍ରିଲ ଆରମ୍ଭ ହୋଇ ୨୫ ଏପ୍ରିଲ୍ ପର୍ଯ୍ୟନ୍ତ ୭ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟା ରେ ହେବ। ଇତି ମଧ୍ୟରେ ପ୍ରତିଦିନ ଶ୍ରୀପାଦ ଅକ୍ଷୟ ହରି ଦାସ ବ୍ରହ୍ମଚାରୀ ଙ୍କ ଦ୍ୱାରା ଗୃହସ୍ଥ ଧର୍ମ ଚରିତ ବିଷୟ ନେଇ ପ୍ରବଚନ କଥା ଉପରେ ଚର୍ଚ୍ଚା - ଆଲୋଚନା କରାଯିବ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପରିଚାଳକ ଶ୍ରୀପାଦ ଶ୍ରୀ କୃଷ୍ଣ ସେବକ ଦାସ, ସହ ପରିଚାଳକ ଶ୍ରୀପାଦ ବେଣୁ ବିନୋଦ ଦାସ, ସହଯୋଗୀ ପଦ୍ମ ଚରଣ ଚୌଧୁରୀ, ଖଗେଶ୍ୱର ଜେନା, କୈବଲ୍ୟ ପାଣି, ରାଜେଶ ଲାକ୍ରା, ପବିତ୍ର କୁମାର ବେଦାନ୍ତ, ସୁରେଶ ଦାସ, ଅଜିତ ନାୟକ, ଅଜିତ ନନ୍ଦ, ତିର୍ଥରାଜ ଚାନ୍ଦ, ବିଷ୍ଣୁ ମହାରଣା, ମନୋଜ ଦାସ, ଦୋରା ସମସ୍ତ ଇସ୍କନ ଭକ୍ତ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ଭାଗବତ କଥା ସରିଲା ପରେ ପ୍ରସାଦ ସେବନର ବ୍ୟବସ୍ଥା ମୁଁ ସନାତନ ଧର୍ମ ରକ୍ଷା ଏବଂ ପ୍ରଚାର ପ୍ରସାର ନିମନ୍ତେ ଏହି 'ଭଗବତ ପାଠ' ଆୟୋଜନ କରାଯାଇଛି।

# ଡାବୁଗାଁରେ ରଥକାଠ ଅନୁକୂଳ



ଡାବୁଗାଁ,୨୦।୪(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପୂଜକ ନବୀନ ପାଢୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମନ୍ଦିର ପରିଚାଳନା କମିଟିସଭାପତି ତଥା ତହସିଲଦାର ଗୀତା ମୁର୍ମୁ, ଉପସଭାପତି ଜି. ଭେଙ୍କେଟେଶ୍ୱର ରାଓ, ସମ୍ପାଦକ ଜି. ସାଇ ରାଜୁ, ସହସମ୍ପାଦକ ଭଗବାନ ମହାନ୍ତି, ବିଡିଓ ସମୀର ପାତ୍ର, ଆଇଆଇସି ରଘୁନାଥ ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ରଥ, ଆର. ଶଙ୍କର ରାଓ, ଡି. ରାଜା, ରାଜେଶ ଅଗ୍ରୱାଲ, ଭଗବାନ ଖୁଣ୍ଟିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ଆଲୋଚନା



ମାଲକାନଗିରି,୨୦।୪(ସମିସ): ମାଲକାନଗିରି ଜିଲ୍ଲା ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଓଡ଼ିଆ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚ ଶିକ୍ଷା ମାଧ୍ୟମିକ ନିର୍ଦ୍ଦେଶାଳୟକୁ ଲେଖିଥିବା ଚିଠି ସଂଖ୍ୟା ୫୫୧୯ ୨୬-୪-୨୦୨୬ ଅନୁଯାୟୀ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ଲିଖିତ ପାଠ୍ୟ ପୁସ୍ତକ ଅଧ୍ୟୟନ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଜିଲ୍ଲା ପ୍ରକଳ୍ପ ସମ୍ମୀଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଆଲୋଚନାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା ସଂଯୋଜନା କରିଥିଲେ। ଯେଉଁଥିରେ ୧୪ ଗୋଟି ମାଲକାନଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ବିଜ୍ଞାନ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ଶବ୍ଦାବଳୀ ମାନକରଣ ଦ୍ୱାରା ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପୁସ୍ତକର ସମୀକ୍ଷା ପ୍ରସ୍ତୁତ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ପଢ଼ାଯିବ, ଏନେଇ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ପ୍ରଧାନ ପ୍ରକାଶ କରିଥିଲେ ଯେ, "ଭାଷା କେବେ ବି ଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ। ରାଜ୍ୟର ବିଭିନ୍ନ ଉପାନ୍ତ ଓ ଆଦିବାସୀ ବହୁଳ ଅଞ୍ଚଳର ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ନିଜର ସ୍ୱପ୍ନ ସାକାର କରିପାରିବେ।

# ଦୁଇ ପୃଥକ୍ ମାମଲାରେ ୬ ଗିରଫ



କୋରାପୁଟ/ପୋଡ଼ାଗଡ଼,୨୦।୪(ସମିସ): ଦୁଇ ପୃଥକ ମାମଲାରେ କୋରାପୁଟ ସଦର ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏକ ବୋଲେରୋ ପିକଅପ ଗାଡ଼ିରୁ ୬୫ ବସ୍ତା ଧାନ ଲୁଟ ମାମଲାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସଦର ଥାନା ଅନ୍ତର୍ଗତ ତଳ ଜାନିଗୁଡା ଗ୍ରାମର ରହିମ ଭତ୍ରା(୨୧ ବର୍ଷ), ହିରିଡିପୁଟ ଗ୍ରାମର ଆସର ବାଘ(୨୧ ବର୍ଷ) ଏବଂ ପୋଡ଼ାଗଡର ରୁହେନ ବେନିଆ(୨୨ବର୍ଷ)।

ସୂଚନା ମୁତାବକ ଜୟପୁରର ଜଗଦୀଶ ପାଣିଗ୍ରାହୀଙ୍କ ବୋଲେରୋ ଚାଳକ ଜଗଦୀଶ ଗୌଡ କାକିରିଗୁମ୍ମାରୁ ୬୫ ବସ୍ତା ଧାନ ଧରି ବୋରିଗୁମା ଅଭିମୁଖେ ଆସୁଥିଲେ। ମାଛରା ଘାଟି ରାସ୍ତାରେ ୮ ଜଣ ଲୋକ ଗାଡ଼ିକୁ ଅଟକାଇ ଅନ୍ୟ ସ୍ଥାନକୁ ନେଇ ୬୫ ବସ୍ତା ଧାନ ଓହ୍ଲାଇବା ପରେ ଗାଡ଼ିକୁ ଚାଳକଙ୍କୁ ହସ୍ତାନ୍ତର କରିଥିଲେ ଏବଂ ଚାଳକଙ୍କ ମୋବାଇଲ ଫୋନ ଓ ଏକ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି ୪୦ ବସ୍ତା ଧାନ, ଗୋଟିଏ ମୋବାଇଲ, ଗୋଟିଏ ସ୍କୁଟି ଏବଂ ଦୁଇଟି ବୁଲେଟ ଜବତ କରିଛି। କୋରାପୁଟ ଟାଉନ ପିଏସ୍ କେସ ନଂ.୨ ଏବଂ କେସ୍ ନଂ.-୫୪ରେ ରୁଜୁ ହୋଇଥିବା ମାମଲାରେ ସେମାନଙ୍କ ଦଳର ସମ୍ପୃକ୍ତି ରହିଥିବା ସ୍ୱୀକାର କରିଥିବା କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।ସେହିପରି ଦୁଇଜଣ ଫେରିବାଲାଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା, ମୋବାଇଲ ଫୋନ ଓ ବାଇକ ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେବା ଅଭିଯୋଗରେ ସଦର ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋରାପୁଟ ସଦର ଥାନା ଅନ୍ତର୍ଗତ ମହାଦେଇପୁଟର ଦୈତାରୀ ଗୌଡ଼(୫୨), ଦଳେଇପୁଟ ଗ୍ରାମର ରାଜ କିଶୋର ରାଉତ (୩୯) ଓ ମାଛରାର ପୂର୍ଣ୍ଣ ଚପାଡ଼ି (୩୭) ବୋଲି ଥାନା ଅଧିକାରୀ କହିଛନ୍ତି। ନିଶାର ଅଲ୍ଲୀ ଏବଂ ସାହିଦ ଅଲ୍ଲୀ ବାଇକ୍ ଯୋଗେ ଗାଁ ଗାଁ ବୁଲି ବେଡସିଟ୍ ବିକ୍ରି କରନ୍ତି। ୧୭ ତାରିଖ ରାତିରେ ଉଭୟେ ବଳକା ବେଡସିଟ ଧରି ବାଇକରେ ଘରକୁ ଫେରୁଥିବା ବେଳେ ଦଳେଇପୁଟ ନିକଟରେ ୩ଜଣ ତାଙ୍କୁ ଠେଙ୍ଗାରେ ପିଟି ୨ ଟି ମୋବାଇଲ ଫୋନ ଓ ୧୫ଟି ବେଡସିଟ ସମେତ ନଗଦ ୨୧ଶହ ଟଙ୍କା ଓ ବାଇକ ଛଡ଼ାଇ ନେଇଥିଲେ। ଏନେଇ ନିଶାର ଓ ସାହିଦ୍ ସଦର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଅର୍ଜୁନ ଖରା ଏକ ମାମଲା ରୁଜୁ କରି ତିନିଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ୧୨ଟି ବେଡସିଟ, ୨୧ଶହ ଟଙ୍କା ସହ ୨ ଟି ମୋବାଇଲ ଫୋନ୍ ଓ ବାଇକ୍ ଜବତ କରିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ବିଶ୍ୱ ଯକୃତ ଦିବସରେ ନର୍ସିଂ ଛାତ୍ରୀଙ୍କ ସଚେତନତା




ରାୟଗଡା,୨୦।୪(ସମିସ): ରାୟଗଡ ସେଞ୍ଚୁରିୟାନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଅଧିନସ୍ଥ ନର୍ସିଂ ବିଦ୍ୟାଳୟରେ ୧୯ ଏପ୍ରିଲରେ ପାଳିତ ବିଶ୍ୱ ଯକୃତ ଦିବସ ଅବସରରେ ଆଜି ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। "ସୁସ୍ଥ ଅଭ୍ୟାସ, ଶକ୍ତିଶାଳୀ ଯକୃତ" ଥିମ୍ ଅନୁସାରେ ଯକୃତ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମଟି ଜିଏନଏମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୨ୟ ସେମିଷ୍ଟର ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ହୋଇଥିଲା। ଯକୃତର ମୁଖ୍ୟ କାର୍ଯ୍ୟ, ଯକୃତ ରୋଗର ପ୍ରାରମ୍ଭିକ ଲକ୍ଷଣ ଓ ପ୍ରତିରୋଧ ପାଇଁ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ମଦ୍ୟପାନ ଓ ଅନଧିକୃତ ଔଷଧ ସେବନରୁ ବିରତି ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଭଳି ପ୍ରାୟୋଗିକ ପଦକ୍ଷେପ ବିଷୟରେ କୁହାଯାଇଥିଲା। ଏହି ପ୍ରୟାସ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହଅଧ୍ୟୟନକୁ ସୁଦୃଢ କରିବା ସହିତ ଜିଏନଏମ ଛାତ୍ରମାନଙ୍କ ଶିକ୍ଷଣ କୌଶଳକୁ ଉନ୍ନତ କରିଥିଲା ଏବଂ ଦୈନନ୍ଦିନ ସୁସ୍ଥ ଅଭ୍ୟାସର ଗୁରୁତ୍ୱକୁ ପୁନରୁଦ୍ଧାର କରିଥିଲା।

# ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ

### କୋରାପୁଟ-ରାୟଗଡା ଏବଂ କୋରାପୁଟ-ସିଙ୍ଗାପୁର ରୋଡ କରିଡର ସମେତ ପ୍ରମୁଖ ଦୋହରୀକରଣ ସେକ୍ସନରେ ଅତିରିକ୍ତ ସଫଳତା

ରାୟଗଡ,୨୦।୪(ସମିସ): ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ଏକ ବଡ଼ ସଫଳତା ହାସଲ କରିଛି। ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି, ଯାହା ଟନେଲ୍ ନିର୍ମାଣ ଇତିହାସରେ ଅତ୍ୟନ୍ତ ସଫଳ ବର୍ଷ ଭାବେ ପ୍ରତିପାଦିତ ହୋଇଛି।ଏହି କ୍ରମରେ ଶେଷ ସଫଳତା ଭାବେ ଏପ୍ରିଲ ୧୪, ୨୦୨୬ରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରିକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍‌ଥ୍ରୁ ହୋଇଛି। ଏକ ଚାଲେଞ୍ଜପୂର୍ଣ୍ଣ ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି। ଉଭୟ ପାର୍ଶ୍ୱରୁ ଏକକାଳୀନ ଖନନ କରାଯାଇ ଶତପ୍ରତିଶତ ସଠିକତା ସହ ଏହାର ସଂଯୋଗ କରାଯାଇଛି, ଯାହାକି ଉନ୍ନତ ଇଞ୍ଜିନିୟରିଂ କୌଶଳ ଓ ସଠିକ ସର୍ବେକ୍ଷଣର ପ୍ରମାଣ ଦେଉଛି।ଏଥିସହିତ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ




ରେଳ ଲାଇନ୍ ପ୍ରକଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ରୁଟ୍‌ର ସବୁଠାରୁ ଲମ୍ବା ଟନେଲ୍ ଟି-୪ (୪,୧୮୫ ମିଟର) ଏବଂ ଟନେଲ୍ ଟି-୨ (୧,୭୭୫ ମିଟର)ର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏହା ବ୍ୟତୀତ ଜୁଲାଇ ୨୦୨୫ରେ ଟି -୫ ଓ ଟି-୬ (ପ୍ରତ୍ୟେକ ୨୫୦ ମିଟର) ଏବଂ ନଭେମ୍ବର ୨୦୨୫ରେ ଟି-୭ (୧,୯୭୫ ମିଟର) ଟନେଲର ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ଷକ ମଧ୍ୟରେ ମୋଟ ୭,୦୫୧ ମିଟର ଟନେଲ୍ ଖନନ କରାଯାଇଛି ଏବଂ ୨,୪୭୫ ମିଟର ଲାଇନିଂ କାର୍ଯ୍ୟ ସହ ଅନ୍ୟାନ ସଲଗ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହା ସହିତ କୋରାପୁଟ-ରାୟଗଡା ଏବଂ କୋରାପୁଟ-ସିଙ୍ଗାପୁର ରୋଡ଼ କରିଡ଼ର ସମେତ ପ୍ରମୁଖ ଦୋହରୀକରଣ ସେକ୍ସନରେ ଅତିରିକ୍ତ ସଫଳତା ମିଳିଛି। ଏହି ସଫଳତା ଦ୍ୱାରା ଉପକୂଳ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବୃଦ୍ଧି ପାଇବା ସହ ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକ ଅର୍ଥନୀତିର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ପ୍ରାକୃତିକ ବାଧାବିଘ୍ନ ସତ୍ତ୍ୱେ ପୂର୍ବତଟ ରେଳପଥର ଏହି ନିରନ୍ତର ପ୍ରୟାସ ଆଧୁନିକ ରେଳସେବାକୁ ରାଜ୍ୟର କୋଣଅନୁକୋଣରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲାୟନ୍ସ କ୍ଲବ ଦ୍ୱାରା ଦହିପଣା ବଣ୍ଟନ




ରାୟଗଡ,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ରାୟଗଡ଼ର ଲାୟନ୍ସ କ୍ଲବ ନାଗାବଳୀ ପକ୍ଷରୁ ସ୍ଥାନୀୟ ଗଜପତି ଜଙ୍କସନରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କ୍ଲବ ପକ୍ଷରୁ ପଥଚାରୀ ଓ ସାଧାରଣ ଜନତାଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ପ୍ରତିଷ୍ଠାତା ଅଧ୍ୟକ୍ଷ ଶିକ୍ଷାବିତ୍ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଜୋନ୍ ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କୁମାର ଗନ୍ତାୟତ, ସଭାପତି ଶୁଭ୍ରା ପଣ୍ଡା, ସମ୍ପାଦକ ଡକ୍ଟର ବିପିନ ବିହାରୀ ବିଶ୍ୱାଳ, ଅରୁଣ ପାଣିଗ୍ରାହୀ, ରୁବିରାଣୀ କୁଣ୍ଡୁ, ମହିଳା କଲେଜ ଅଧ୍ୟକ୍ଷା ଡକ୍ଟର ଅର୍ଚ୍ଚନା ପଟ୍ଟନାୟକ, ବରିଷ୍ଠ ସଭ୍ୟ ଶଶି ପଟ୍ଟନାୟକ, ଉପ ସଭାପତି ଅଜିତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀ, ରବି ଶତପଥୀ, ଦିପ୍ତୀରାଣୀ ପରିଛା, ପ୍ରଣୀପ୍ତ ପାତ୍ର, ରାଜେନ୍ଦ୍ର ସାହୁ, ଲାବଣ୍ୟମୋହନ ପଟ୍ଟନାୟକ ପ୍ରମୁଖ ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ସଭ୍ୟ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ଓଡ଼ିଆ ପାଞ୍ଜି ବଣ୍ଟନ କରିଥିଲେ ଏବଂ ଅକ୍ଷୟ ତୃତୀୟାରେ ସେବାର ପର୍ବ ପାଳନ କରାଯାଉଛି ବୋଲି କହିଥିଲେ।

## ବାଇକ୍ ଧକ୍କାରେ ଗାଈ ମୃତ

ଗୁଡାରୀ,୨୦।୪(ସମିସ): ଗୁଡାରୀ ବିଜୁ ସେତୁ ଉପରେ ରବିବାର ରାତି ପ୍ରାୟ ୮ଟାରେ ବାଇକ୍ ଧକ୍କାରେ ଏକ ଗାଈର ମୃତ୍ୟୁ ହୋଇଛି। ଟ୍ରାକ୍ଟରରେ ଓଭରଲୋଡିଂ କରି ପଥର ଗୋଡ଼ି ପରିବହନ ବେଳେ ବ୍ରିଜ ଉପରେ ତାହା ପଡ଼ି ରହିଥିଲା। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇଥିଲା।ରାତିରେ ତିନୋଟି ଗାଈ ବ୍ରିଜ୍ ଉପରେ ଥିବା ବେଳେ ଦୁଇଜଣ ଅଜଣା ଯୁବକ ଏକ ବାଇକରେ ଦ୍ରୁତଗତିରେ ଆସୁଥିବା ବେଳେ ଗୋଡ଼ି ଯୋଗୁ ଭାରସାମ୍ୟ ହରାଇ ଗୋଟିଏ ଗାଈ ସହ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଛଟପଟ ହୋଇ ଗାଈଟି ପଡ଼ିରହିଥିଲା। ଘଟଣା ସ୍ଥଳରୁ ବାଇକ୍ ଚାଳକ ଫେରାର ହୋଇଯାଇଥିବା ବେଳେ ବ୍ରିଜଦେଇ ଯାଉଥିବା ସ୍ଥାନୀୟ ଲୋକ ଗାଈଟି ପଡ଼ିଥିବା ଦେଖି ତୁରନ୍ତ ପଶୁ ଚିକିତ୍ସାଳୟକୁ ଫୋନ୍ କରିଥିଲେ। ସନତ୍ ଜେନା (ବିଭିଓ) ଓ ଅନ୍ୟ କର୍ମଚାରୀ ଆସି ଗାଈର ଚିକିତ୍ସା କରିଥିଲେ କିନ୍ତୁ କିଛି ସମୟ ପରେ ଗୁରୁତର ମାଡ଼ ହୋଇଥିବା ଯୋଗୁ ଗାଈଟି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ଗାଈଟି ମିଲୁ ଡେପ ସାହିର ଜଗା ଗୌଡଙ୍କର ବୋଲି ଜଣାପଡିଛି।

## ଉତ୍କଳ ଆଲୁମିନା ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ିର ଶୁଭାରମ୍ଭ



ଟିକିରି,୨୦।୪(ସମିସ): ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ କୋଡିପାରି ପଞ୍ଚାୟତର ରାଉଲିଘାଟି ଗ୍ରାମରେ ଉତ୍କଳ ଆଲୁମିନା ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡ଼ିର ଶୁଭାରମ୍ଭ ହୋଇଯାଇଛି। ଏହି ଅଞ୍ଚଳଟି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଅନେକ ସମୟରେ ଲୋକମାନେ ଗୁଣି-ଗାରେଡ଼ିରେ ବିଶ୍ୱାସ କରିଥାନ୍ତି ଏବଂ ଜ୍ୱର, ଝାଡ଼ାବାନ୍ତି ପରି ରୋଗରେ ପୀଡ଼ିତ ହେଲେ ମଧ୍ୟ ଯାନବାହନର ଅଭାବରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପାରନ୍ତିନି। ଫଳରେ କେତେକ ଘଟଣାରେ ମୃତ୍ୟୁ ମଧ୍ୟ ହୋଇଥାଏ। ଏପରି ପରିସ୍ଥିତିରେ ଉତ୍କଳ ଆଲୁମିନା ପକ୍ଷରୁ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ି ଯୋଗାଣ ଅଞ୍ଚଳବାସୀଙ୍କ ପାଇଁ ଏକ ବଡ଼ ସହାୟତା ସାବ୍ୟସ୍ତ ହୋଇଛି। ଏହା ମାଧ୍ୟମରେ ଦୂରଦୂରାନ୍ତର ଗ୍ରାମରେ ଥିବା ଲୋକମାନେ ଘର ନିକଟରେ ହିଁ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆଶା କରାଯାଉଛି।ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ସିଏସଆର ବିଭାଗର ଅଧିକାରୀ ମନୋଜ କୁମାର ଦାସଙ୍କ ନେତୃତ୍ୱରେ ଗାଡ଼ିଟି ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଣ୍ଡିରାକଞ୍ଚ ଥାନା ଏସ୍‌ଆଇ ଅରୁଣ କୁମାର ପାତ୍ର ଉପସ୍ଥିତ ଥିଲେ। ସେହିପରି ସିଏସଆର ପକ୍ଷରୁ ଦୀଲିପ ନାଏକ, ନିରୁପମା ବାରିକ, ଦେବୀ ପ୍ରିୟା ଓ କୋଡିପାରି ସରପଞ୍ଚ ଡମ୍ବରୁଧର ମାଝୀ, ମାନବିକ ଅଧିକାର ରକ୍ଷକ ସଦନ ମାଝୀ ସହ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ସରପଞ୍ଚ ଡମ୍ବରୁଧର ମାଝୀ କହିଥିଲେ ଯେ, ଏହି ସ୍ୱାସ୍ଥ୍ୟ ସେବା ଗାଡ଼ି ମାଧ୍ୟମରେ ପ୍ରାୟ ୨୭ଗୋଟି ଗ୍ରାମର ଲୋକ ଉପକୃତ ହେବେ ଏବଂ ଗ୍ରାମବାସୀଙ୍କ ଘରଦୁଆର କୁ ସ୍ୱାସ୍ଥ୍ୟ ସେବା ପହଞ୍ଚାଇଥିବାରୁ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଉତ୍କଳ ଆଲୁମିନା ପକ୍ଷରୁ ମଧ୍ୟ ଏହିପରି ଜନହିତକାରୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି କୁହାଯାଇଛି। ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବା ସହ ଲୋକମାନେ ସମୟରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆଶା କରାଯାଉଛି।

● ବଢୁଛି ତାତି; କଲବଲ ଜନସାଧାରଣ

## ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଘର ନିକଟରେ ଭତ୍ତା ଦେବାକୁ ଦାବି

ମୁନିଗୁଡା,୨୦।୪(ସମିସ): ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଭତ୍ତା ପାଉଥିବା ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସୁଥିଲେ ମଧ୍ୟ ସେମାନେ ଖରାରେ ବ୍ୟାଙ୍କକୁ ଯାଇ ଆଣିବାରେ ଅସୁବିଧା ହେଉଛି। ଘଣ୍ଟା ଘଣ୍ଟା ଧରି ଯିବା ଓ ଧାଡ଼ିରେ ଠିଆ ହେବାକୁ ସେମାନେ ଅସମର୍ଥ। ଏଭଳି ପରିସ୍ଥିତିରେ ସେମାନଙ୍କୁ ଘର ଦୁଆରେ ଭତ୍ତା ପହଞ୍ଚାଇବାକୁ କୌଣସି ବିକଳ୍ପ ବ୍ୟବସ୍ଥା ନ ହୋଇଥିବାରୁ ଅସନ୍ତୋଷ ବଢୁଛି। ସରକାରଙ୍କ ନିୟମ ଅନୁଯାୟୀ ଭତ୍ତା ଟଙ୍କା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଯାଉଥିବା ସତ୍ତ୍ୱେ, ଏହି ହିତାଧିକାରୀମାନେ ଖରା ମଧ୍ୟରେ ବ୍ୟାଙ୍କକୁ ଯାଇ ଲମ୍ବା ଧାଡିରେ ଠିଆ ହେବାକୁ ଅସମର୍ଥ। ଏହାସହ ଅଂଶୁଘାତ ହେବାର ଆଶଙ୍କା ମଧ୍ୟ ବଢ଼ିଛି। ଏହା ନେଇ ହିତାଧିକାରୀମାନେ ବାରମ୍ବାର ବ୍ଲକ ପ୍ରଶାସନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ ବୋଲି ଅଭିଯୋଗ ହେଉଛି। ଗତ ମାସରେ କିଛି ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଯାଇ ନିଜ ଦୁଃଖକଷ୍ଟ ଜଣାଇଥିଲେ। ସେମାନେ ପଞ୍ଚାୟତ ମାଧ୍ୟମରେ ଭତ୍ତା ବଣ୍ଟନ କରାଯାଉ କିମ୍ବା ବ୍ୟାଙ୍କ/ପ୍ରଶାସନିକ କର୍ମଚାରୀଙ୍କ ଦ୍ୱାରା ଘରଦୁଆରେ ଟଙ୍କା ପହଞ୍ଚାଇବା ପାଇଁ ଦାବି କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇନଥିବାରୁ ସେମାନେ ନାନାପ୍ରକାର ଅସୁବିଧାରେ ପଡୁଛନ୍ତି। ଏହି ପରିସ୍ଥିତିରେ ବ୍ଲକ ପ୍ରଶାସନ ଓ ବ୍ୟାଙ୍କ ଅଧିକାରୀମାନେ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ। ବିଶେଷକରି ବ୍ୟାଙ୍କ ମିତ୍ର କିମ୍ବା ମୋବାଇଲ୍ ବ୍ୟାଙ୍କିଂ ସେବା ମାଧ୍ୟମରେ ଘରଦୁଆରେ ଟଙ୍କା ପହଞ୍ଚାଇବାକୁ ମୁନିଗୁଡା ବ୍ଲକ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ଆମ୍ବଦଳା ଯୁବ ନେତା ଜଗନ୍ନାଥ ପ୍ରସାଦ ବାବୁ ମୁଖାର୍ଜୀ,ବିନୋଦ ସାହୁ,ଶ୍ରୀଧର ସାହୁ,ବରିଷ୍ଠ କଂଗ୍ରେସ ନେତା ରାମପ୍ରକାଶ କରକରିଆ,ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ ପ୍ରମୁଖ ଦାବି କରୁଛନ୍ତି। ଯଦି ଶୀଘ୍ର ଏହାର ସମାଧାନ ନହୁଏ ତେବେ କିଛି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ହିତାଧିକାରୀ ଚେତାବନୀ ଦେଇଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ମୁନିଗୁଡା,୨୦।୪(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଆଗୁଳ ଗ୍ରାମରେ ଧର୍ମପ୍ରାଣା ମହିଳା ଶକୁନ୍ତଳା ଗୌଡ଼ଙ୍କର ୯୦ ବର୍ଷ ବୟସରେ ଗତ ରବିବାର ସକାଳ ୬.୪୫ରେ ପରଲୋକ ଘଟିଛି। ସେ ମୁନିଗୁଡା ଅଞ୍ଚଳର ପରିଚିତ ବ୍ୟକ୍ତିତ୍ୱ ଓ ପୂର୍ବତନ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ମୁନିଗୁଡା ବ୍ଲକ ଷୋହଳ ଖଣ୍ଡ ଗୌଡ଼ ସମାଜର ସଭାପତି ସ୍ୱର୍ଗତ ସୀମାଞ୍ଚଳ ଗୌଡ଼ଙ୍କ ଧର୍ମପତ୍ନୀ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଶିକ୍ଷକ ହରିଚନ୍ଦ୍ର ଗୌଡ଼, ଝିଅ, ବନ୍ଧୁ, ନାତି-ନାତୁଣୀ ସହ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



କାଲିମେଳା,୨୦।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୨୩ ଗ୍ରାମ ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଏକ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାଲିମେଳା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ଜଗତ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା କୋୟା ସମାଜ ସାଧାରଣ ସମ୍ପାଦକ ଆଡମା ରାବା ଯୋଗଦେଇଥିଲେ। ଗ୍ରାହକ ସେବା କେନ୍ଦ୍ର ଦ୍ୱାରା ଆଖପାଖ ଅଞ୍ଚଳର ବହୁଲୋକ ନୂଆ ଖାତା ଖୋଲିବା, ନଗଦ ଜମା, ଉଠାଣ, ବିଭିନ୍ନ ପ୍ରକାର ପେନସନ ଯୋଜନା, ଲୋନ ଭଳି ଅନେକ ପ୍ରକାର ସେବା ପାଇପାରିବେ ବୋଲି କେନ୍ଦ୍ର ପରିଚାଳକ ମିରିକଙ୍କ ମଣ୍ଡଳ କହିଛନ୍ତି।

## ଓଲ୍ଡୁ ଚିମିଟାପାଲ୍ଲୀରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ମାଲକାନଗିରି/କୋରୁକୋଣ୍ଡା,୨୦।୪(ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓଲ୍ଡୁ ଚିମିଟାପାଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଓ ସହାୟତା ପ୍ରଦାନ ଶିବିର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ସିଡିଓ) ଦାଶରଥୀ ସରାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଗୁରୁତର ସମସ୍ୟାର ଶୁଣାଣି କରିଥିଲେ। ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଅସହାୟଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଏଠାରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ବା ଷ୍ଟଲ୍ ମାନ ସ୍ଥାପନ କରାଯାଇଥିଲା। ଏହି କ୍ୟାମ୍ପଗୁଡ଼ିକ ମାଧ୍ୟମରେ ଦରିଦ୍ର ଓ ନିଷ୍ପେଷିତ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ଓ ସାମଗ୍ରୀ ବଣ୍ଟନ କରାଯାଇଥିଲା।ଏହି ଶିବିରରେ ମୋଟ ୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଗ୍ରାମବାସୀମାନେ ମୁଖ୍ୟତଃ ଚାଷ ଜମିରେ ଜଳସେଚନର ଅଭାବ, ଗ୍ରାମାଞ୍ଚଳରେ ଅଧାପନ୍ତରିଆ ହୋଇ ପଡ଼ିଥିବା ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ ସଂକଟ, ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ବଣ୍ଟନରେ ଅନିୟମିତତା ଏବଂ ବିଦ୍ୟୁତ ବିଭାଗର ଅହେତୁକ ବିଲ୍ ପ୍ରଦାନ ଭଳି ଜଟିଳ ସମସ୍ୟା ଉପରେ ସିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ବହୁ ଯୋଗ୍ୟ ହିତାଧିକାରୀ ନୂତନ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଏବଂ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଆବେଦନ କରିଥିଲେ। ସିଡିଓ ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବା ସହ କେତେକ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ କୋରକୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସେବା କରିଥିଲେ।

### କାଶୀପୁର ପ୍ରିମିୟର୍ ଲିଗ୍ ୫.୦ ଉଦ୍‌ଯାପିତ

# ରାଇଜିଙ୍ଗ୍ ଷ୍ଟାର ଦଳକୁ ହରାଇ ଡ୍ରିମ୍ ୱାରିୟର ବିଜୟୀ




କାଶୀପୁର,୨୦।୪(ସମିସ): ରାୟଗଡା ଜିଲା କାଶୀପୁର ବ୍ଲକରେ କାଶୀପୁର ପ୍ରିମିୟର୍ ଲିଗ୍ ୫.୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। କଲେଜ ପଡିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ବେଦାନ୍ତ ଉପସଭାପତି ପ୍ରତୀକ କୁମାର, ବେଦାନ୍ତ ସିଏଚ୍‌ଆର ହେଡ୍ ଦିଲୀପ ପ୍ରଜାପତି, ନିଧି କୁମାରିଙ୍କ ସହ ବହୁମାନ୍ୟଗଣ୍ୟ ବ୍ୟକ୍ତି ଅତିଥିଭାବେ ଯୋଗଦେଇ ବିଜୟ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ଟି ଡ୍ରିମ୍ ୱାରିୟର ଦଳ ଓ ରାଇଜିଙ୍ଗ୍ ଷ୍ଟାର ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ରାଇଜିଙ୍ଗ୍ ଷ୍ଟାର ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୧୮ ରନ କରିଥିଲେ। ରାଇଜିଙ୍ଗ୍ ଷ୍ଟାର୍ ଦଳ ୨୧୮ ରନ ବିଜୟ ଲକ୍ଷକୁ ପିଛା କରି ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିବା ବେଳେ ୧୬ ଓଭରରେ ଅଲ୍‌ଆଉଟ ହେବା ସହ ୧୧୦ ରନ କରିଥିଲେ। ୧୧୦ ରନରେ ରାଇଜିଙ୍ଗ୍ ଷ୍ଟାର ଦଳକୁ ହରାଇ ଡ୍ରିମ୍ ୱାରିୟର ଦଳ ବିଜୟୀ ହୋଇଥିଲେ। ଡ୍ରିମ୍ ୱାରିୟର ଦଳର ଅଭିଜ୍ଞ ମନୋଜ କୁମାର ଝୋଡିଆ ଏବଂ ଟୁକୁନାଙ୍କ ପ୍ରାରମ୍ଭିକ ବ୍ୟାଟିଂ କରି ମନୋଜ ୬୯ଟି ବଲରେ ୧୨୬ ରନ ସଂଗ୍ରହ କରି ନିଜ ଦଳକୁ ବହୁ ପ୍ରତୀକ୍ଷିତ ବିଜୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେପିଏଲ୍ ଅଧ୍ୟକ୍ଷ ସୀତାରାମ ସାହୁ, ଉପାଧ୍ୟକ୍ଷ ଦିଲ୍ଲିପ ନାଏକ, ସମ୍ପାଦକ ସନ୍ତୋଷ ଗୌଡ଼ଙ୍କ ସହ ୮ଟି ଦଳର ମାଲିକ ମାନେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଫାଇନାଲ ମ୍ୟାଚକୁ କିତ୍ରେଶ୍ୱର ନାଏକ ଏବଂ ଅମିତ କୁମାର ବୈଦ୍ୟ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଅବସରରେ କେପିଏଲରେ ଭାଗ ନେଇଥିବା ୮ଟି ଦଳ ସହ ସମସ୍ତ ମାଲିକ, ଟିମ ଅଧିନାୟକ, ସମସ୍ତ ଖେଳାଳି ପଡ଼ିଆ ମଧ୍ୟରେ ଉପସ୍ଥିତ ରହି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ କେପିଏଲ ପରିଚାଳନା କମିଟି ତରଫରୁ ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବାକୁ ପ୍ରତିବର୍ଷ କାଶୀପୁରରେ କ୍ରିକେଟ ଖେଳର ଆୟୋଜନ କରାଯାଇଥିବା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଦଳର ଖେଳାଳି, ଗ୍ରାମବାସୀଙ୍କ ସହ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତରେ କେପିଏଲ ୪.୦ ଉଦ୍‌ଯାପିତ ହୋଇଯାଇଛି। ସମସ୍ତ ଦଳର ମାଲିକଙ୍କ ଏବଂ ଖେଳାଳିମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## କାଳିଆପଡ଼ା ଘାଟି ମଝିଘରିଆଣି ମନ୍ଦିର ଘଣ୍ଟଯାତ୍ରା ଉଦ୍‌ଯାପିତ



ଟିକିରି,୨୦।୪(ସମିସ): ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ଟିକିରି ସ୍ଥିତ କାଳିଆପଡ଼ା ଗ୍ରାମ ଘାଟି ନିକଟରେ ଥିବା ମା' ମଝିଘରିଆଣିଙ୍କ ଘଣ୍ଟଯାତ୍ରା ଧୁମଧାମ୍‌ରେ ଭକ୍ତିମୟ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ସହସ୍ର ଭକ୍ତ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଘଣ୍ଟ ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଝାମି ମଡା, ଯେଉଁଥିରେ ଭକ୍ତମାନେ ପିତଳ ମହୁରି ଓ ଚାମର ବଜା ସହିତ ନାଦରେ ପୂଜାରିମାନେ ନୃତ୍ୟ କରି ମାଁଙ୍କ ଜୟଧ୍ୱନି କରିଥିଲେ। ପ୍ରତ୍ୟେକ ଦିନ କାଳିଆପଡ଼ା ଗ୍ରାମ ପରିକ୍ରମା କରି ଭୋଗରାଗ ନିତ୍ୟ ପୂଜା, ନଡିଆ କଦଳୀ ଧୁପଦିପ ଖାଇଥାନ୍ତି। ଏହି ଘଣ୍ଟଯାତ୍ରା ଦୀର୍ଘ ସାତଦିନ ଧରି କରାଯାଇଥିବାରୁ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିଲା। ଏହି ପବିତ୍ର ଉତ୍ସବ ଅଞ୍ଚଳରେ ସାମ୍ପ୍ରଦାୟିକ ସମ୍ମିଳନୀ ଓ ଭାଇଚାରାକୁ ଆହୁରି ମଜଭୂତ କରିଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଖୁସି ଦେଖାଯାଇଥିଲା।

# ମାଲକାନଗିରିରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ

ମାଲକାନଗିରି,୨୦।୪(ସମିସ):

ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ମାଲକାନଗିରି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ଭୂମି ପୂଜନ ସହ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ ଯେ, ଚାଷୀ ହେଉଛି ଆମ ଦେଶର ମେରୁଦଣ୍ଡ। ଅକ୍ଷୟ ତୃତୀୟାର ଏହି ପବିତ୍ର ଅବସରରେ ଆମେ ଚାଷୀ ଭାଇଙ୍କ ସମୃଦ୍ଧି କାମନା କରୁଛୁ। ସରକାର ସବୁବେଳେ ଚାଷୀଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ଏବଂ ପ୍ରତିଟି ଚାଷୀ ପାଖରେ ଏହି ସହାୟତା ପହଞ୍ଚାଇବା ଆମର ପ୍ରାଥମିକତା। ଏହି ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କୃଷି ରଥର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଜିଲ୍ଲାର କୃଷି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଆମେ ପ୍ରତିବଦ୍ଧ।

ଏଥିସହ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ମୁଖ୍ୟ ଡ. ଦେବୀ ପ୍ରସାଦ ଦାସ ଏବଂ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୟାନିଧି ରାଉତ ପ୍ରମୁଖ ଯୋଗ ଦେଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରଥଗୁଡ଼ିକ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଉନ୍ନତ ବିହନ, ସାର ପ୍ରୟୋଗ ଏବଂ ସରକାରୀ ଯୋଜନା ବିଷୟରେ ପ୍ରଚାର କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଉପସ୍ଥିତ ଚାଷୀମାନେ ରାଜ୍ୟସ୍ତରୀୟ କୃଷକ ଦିବସ ଓ ସିଏମ୍ କିଷାନ ଯୋଜନାର ସିଧା ପ୍ରସାରଣ ଦେଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୪୨ ଲକ୍ଷ ଚାଷୀଙ୍କ ପାଇଁ ୮୩୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଖରିଫ୍ ଚାଷ ପାଇଁ ଘୋଷଣା କରାଯାଇଛି। ଏହି କ୍ରମରେ ମାଲକାନଗିରି ଜିଲ୍ଲାର ୮୨,୩୧୦ ଜଣ ଚାଷୀଙ୍କୁ ସିଧାସଳଖ ବ୍ୟାଙ୍କ ଖାତାକୁ ସହାୟତା ରାଶି ପ୍ରଦାନ କରାଯାଇଛି। ପରିଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ। ସେହିପରି ଆଜିର ଏହି ପବିତ୍ର ଦିନରେ ବିଧି ବିଧାନ ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି। ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିର ପରିସରରେ ଏହି ରଥ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି।



ଶୁଭାରମ୍ଭ ହେଲା କୃଷି ଓ ବିଜ୍ଞାନ ରଥ

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ



ନବରଙ୍ଗପୁର,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଜାନକୀନଗର ସିଆର୍‌ପିଏଫ୍ କ୍ୟାମ୍ପ ରାସ୍ତା ପାଖର୍ ଜମିରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗଦେଇ ପୂଜାର୍ଚ୍ଚନା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକ କୃଷି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧିର ରଞ୍ଜନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ଚିନ୍ତାମଣି ବେହେରା, ଉପ ନିର୍ଦ୍ଦେଶକ ଉଦ୍ୟାନ ସୁବ୍ରତ ମହାନ୍ତି, ବରିଷ୍ଠ କୃଷି ବିଜ୍ଞାନୀ କୃଷି ବିଜ୍ଞାନ କେନ୍ଦ୍ର ଶଶାଙ୍କ ଲେଙ୍କା, ଡିଆଇପିଆର୍‌ଓ ମନୋଜ ବେହେରା, ନବରଙ୍ଗପୁର ଓ ଉମରକୋଟ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ, ଚାଷୀ, ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏହା ସହିତ ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ୍ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଚାଷୀମାନଙ୍କୁ ୨୦୦୦ ଟଙ୍କା ସହାୟତା ରାଶି ବଣ୍ଟନର କାର୍ଯ୍ୟକ୍ରମ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କଟକରୁ ସିଧା ପ୍ରସାରଣ କରାଯାଇଥିଲା। ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଚାଷୀ ମାନଙ୍କୁ କେବଳ ଧାନ ଓ ମକା ଚାଷ ନ କରି ବିବିଧ ଫସଲ କରିବା ସହ ଜମିରେ ଅତ୍ୟଧିକ ରାସାୟନିକ ସାର ବ୍ୟବହାରରୁ କ୍ଷାନ୍ତ ରହିବାକୁ କହିଥିଲେ। ଜିଲ୍ଲାର ୧,୩୦,୪୦୨ ଜଣ ଚାଷୀଙ୍କ ଖାତାକୁ ସିଏମ୍ କିଷାନ୍ ଟଙ୍କା ପ୍ରଦାନ କରାଯାଇଛି।

# ଉମରକୋଟଠାରେ ରଥକାଠ ଅନୁକୂଳ



ଉମରକୋଟ,୨୦।୪(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଉମରକୋଟ ଶ୍ରୀଜଗନ୍ନାଥ ମନ୍ଦିରଠାରେ ରଥ ନିର୍ମାଣ ନିମନ୍ତେ ରଥ କାଠର ଶୁଭ ଅନୁକୂଳ କରାଯାଇଥିଲା। ଜଗନ୍ନାଥ ମନ୍ଦିର ପରିସର ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ରାଜ ପୁରୋହିତ ଗୌରହରି ମିଶ୍ର ସମସ୍ତ ରୀତିନୀତି ଅନୁସାରେ ପୂଜା କରିଥିଲେ। ଏହି ସମୟରେ ଦେବଦତ୍ତ ଅଧିକାରୀ ତଥା ଦେବଦତ୍ତ କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ

ରାୟଗଡ଼/କଲ୍ୟାଣସିଙ୍ଗପୁର,୨୦।୪(ସମିସ): ରାୟଗଡ ଜିଲ୍ଲାର କଲ୍ୟାଣସିଙ୍ଗପୁର ବ୍ଲକ ଅନ୍ତର୍ଗତ ନାରାୟଣପୁର କୃଷି ଫାର୍ମ ପରିସରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ ଏହେସାନ କର୍ତ୍ତା ଭାବରେ ଉପସ୍ଥିତ ରହି ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ବିଧି ପାଳିତ ହୋଇଥିଲା। ଏହାପରେ ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ବନମାଳି କାଡ୍ରାକାଙ୍କ ଉପସ୍ଥିତିରେ ଅଖିମୁଠି ଅନୁକୂଳ ପୂର୍ବକ ଜମିରେ ହଳ ଓ ବିହନ ବୁଣି ଏହି ଶୁଭ କାର୍ଯ୍ୟ ପରି ପାଳିତ ହୋଇଥିଲା। ଏହାପରେ ସଭାଗୃହରେ ୩ଶହରୁ ଉର୍ଦ୍ଧ ଚାଷୀଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ କଟକରୁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରୁ ସିଧା ସଳଖ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ସିଏମ୍ କିଷାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ ଏହେସାନଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ବିଧାୟକ ବିଷମ କଟକ, ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ଶବର, ଉପାଧ୍ୟକ୍ଷା ଶ୍ରୀମତୀ ମିନିଆକା, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାଏକ ଓ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କଅଁର ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ତୃତୀୟା ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହାପରେ ଅତିଥିଙ୍କ ଦ୍ୱାରା କୃଷି ରଥର ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର କୃଷି ଜିଲ୍ଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ, ଅର୍।।ର ଏଟିଏମ, ବଡ଼ବାବୁ ସନ୍ତୋଷ କୁମାର ସେନାପତି ବିଟିଏମ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ସହଯୋଗ କରିଥିଲେ।


କୃଷି ରଥର ଉଦ୍‌ଘାଟନ

# ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ



ଜୟପୁର,୨୦।୪(ସମିସ): ଜୟପୁରଠାରେ ଅକ୍ଷୟତୃତୀୟରେ ରଥ ନିର୍ମାଣ ନେଇ କାଠ କଟାଯାଇ ଅନୁକୂଳ କରାଯାଇଛି। ଜୟପୁର ସହରର ରଥପଡିଆ ଠାରେ ଏହି ଅବସରରେ ପୂର୍ବାହ୍ନରେ ରୀତିନିତିରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ମାଧ୍ୟମରେ ଅନୁକୂଳ କରାଯାଇଥିଲା। ଗତ ଦୁଇବର୍ଷ ପୂର୍ବେ ବଡ ଓ ସାନରଥ ସମ୍ପୂର୍ଣ୍ଣ ଭାବେ ନୂତନ କାଠରେ ନିର୍ମାଣ ହୋଇଥିବା ଯୋଗୁଁ ଚଳିତବର୍ଷ କେବଳ ଆବଶ୍ୟକ ଅନୁଯାୟୀ ଦୁର୍ବଳ କାଠ ପରିବର୍ତ୍ତନ କରାଯାଇ ଗତବର୍ଷ କାଠକୁ ହିଁ ବ୍ୟବହାର କରାଯିବ। ନିର୍ମାଣ କରୁଥିବା ମୁଖ୍ୟ ମହାରଣା ଡମ୍ବରୁ କମାର ଏବଂ ଧନର୍ଯ୍ୟ କମାରଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବଡରଥ ପାଇଁ ୯ଟି ଚକ, ୪ଟି ଅଖ ଏବଂ ସାନ ରଥ ପାଇଁ ୪ଟି ଚକା ଏବଂ ୨ଟି ଅଖ ରହିବ। ପବିତ୍ର ଅକ୍ଷୟ ତୃତୀୟା ଅନୁକୂଳ ଅବସରରେ ବିଧାୟକ ତାରା ପ୍ରସାଦ ବାହିନୀପତି, ଦେବତ୍ତୋର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନା, କର୍ମଚାରୀ ତଥା ପୁରୋହିତ ସିଦ୍ଧେଶ୍ୱର ଦାଶ ଏବଂ ଜଗନ୍ନାଥ ତ୍ରିପାଠୀ ଏବଂ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଡମ୍ବୁରୁଧର ପଣ୍ଡା, ଜଗନ୍ନାଥଙ୍କ ସେବ ହାଟପାରିଆ ମଧୁସୂଦନ ପୁଜାରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି ପୂଜାର୍ଚ୍ଚନା ଓ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜମିରେ ଧାନ ବୁଣିଲେ ବିଧାୟକ



ଚିତ୍ରକୋଣ୍ଡା,୨୦।୪(ସମିସ): ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଆଜି ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ କରି ଜମିରେ ଧାନ ବୁଣିଛନ୍ତି। ବିଧାୟକ ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ଧାତୁନ ଗୁଡ଼ାଠାରେ ଜମିରେ ପୂଜାର୍ଚ୍ଚନା କରିବା ସହ ଜମିରେ ହଳ ବୁଲାଇ ଧାନ ବୁଣି ଅକ୍ଷୟ ତୃତୀୟା ପାଳନ କରିବା ସହ ଚାଷକାମ ଆରମ୍ଭ କରିଛନ୍ତି। ତାଙ୍କ ସହ ଚିତ୍ରକୋଣ୍ଡା ଜୋନ-୧ର ଜିଲ୍ଲା ପରିଷଦ ସଭ୍ୟା ବିନତି ଖିଲ ଓ କଂଗ୍ରେସ କିସାନ ସେଲର କର୍ମକର୍ତ୍ତା ଅମୀୟ ପଟ୍ଟନାୟକ ଅବସରରେ ଉପସ୍ଥିତ ରହିଥିଲେ। ଆଦିବାସୀ ପରମ୍ପରା ଅନୁଯାୟୀ ଜମିରେ ଚାଷ ପୂଜା କରି ବର୍ଷର ପ୍ରଥମ ଚାଷ କାମ ଆରମ୍ଭ କରିଛନ୍ତି।

# ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷିମୁଠି ଅନୁକୂଳ



ରାୟଗଡ,୨୦।୪(ସମିସ): ରାୟଗଡ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ପାରମ୍ପରିକ "ଅଖିମୁଠି ବିହନ ଅନୁକୂଳ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ ସଦର ବ୍ଲକ କୁମ୍ଭିକୋଟା ମଣ୍ଡଳ ତାଡମା ଗ୍ରାମ ପଂଚାୟତ ଅନ୍ତର୍ଗତ ଗୌଡ ଖିଲମ ଗାଁରେ ବିଜେପି କୃଷକ ମୋର୍ଚ୍ଚା ସଭାପତି ପ୍ରତାପ ପୁଆଲାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗାଁର ଚାଷୀମାନେ ଜମିରେ ହଳ କରି ପ୍ରଥମ ବିହନ ପକାଇ କୃଷି କାର୍ଯ୍ୟର ଶୁଭାରମ୍ଭ କରିବା ସହ ପୂଜାର୍ଚ୍ଚନା ସହିତ ମାଟି ମା'ଙ୍କୁ ସ୍ମରଣ କରି ଭଲ ଫସଲପାଇଁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀ କାଳୀରାମ ମାଝି, ରାୟଗଡ ବିଧାୟକ ପ୍ରାର୍ଥୀ ବସନ୍ତ କୁମାର ଉଲାକା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କୋଂଚଡା ଅଶ୍ୱିନୀ, ସଦସ୍ୟ ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ), ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଉମେଶ ଖୋସଲା, ଜିଲ୍ଲା ଉପସଭାପତି ରଜତ ମାଦଲା, ଚକ୍ର ବିଡିକା, ସୁମନ୍ତ ମହାରଣା, ମହିଳା ମୋର୍ଚ୍ଚା ସଭାପତି ବି. ଲକ୍ଷ୍ମୀଙ୍କ ସମେତ ସ୍ଥାନୀୟ ସମିତି ସଭ୍ୟା, ସରପଂଚ ଓ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଜମିରେ ଅଖିମୁଠି ବିହନ ଅନୁକୂଳ କରିଥିଲେ ଏବଂ ଚାଷୀଙ୍କୁ ଉତ୍ସାହିତ କରିଥିଲେ।

# କୋଟିଆରେ ରଥକାଠ ଅନୁକୂଳ



ପଟ୍ଟାଙ୍ଗି,୨୦।୪(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ଠାରେ ଅକ୍ଷୟ ତୃତୀୟା ଅବସରରେ କୋଟିଆ ଜଗନ୍ନାଥ ମନ୍ଦିର ଠାରେ ରଥକାଠ ଅନୁକୂଳ କରାଯାଇଅଛି। କୋରାପୁଟ ଜଗନ୍ନାଥ ମନ୍ଦିର ପରିଚଳନା କମିଟି ଓ ପଞ୍ଚାୟତ ସମିତି ପଟ୍ଟାଙ୍ଗିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ଗେମେଲ,ମନ୍ଦିର ପୂଜାରୀ ମୁଗୁରି ତାଡ଼ିଙ୍ଗି,ପରିଚାଳକ ହରିଶ, ମହାରଣା ଲକ୍ଷ୍ମଣ ବେହେରା,ସ୍ଥାନୀୟ ପୂର୍ବତନ ଜିଆରଏସ ଭୋମ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ରଥ କାଠ ଏବଂ ମହାରଣାଙ୍କ ରଥ ନିର୍ମାଣ ସାମଗ୍ରୀ ଗୁଡିକୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ଅକ୍ଷୟ ତୃତୀୟା





କୋରାପୁଟ,୨୦।୪(ସମିସ): କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପବିତ୍ର ଅକ୍ଷୟ ତୃତୀୟା ପୂଜା ସହ ରଥ ପାଇଁ ନୂଆ କାଠ ଅନୁକୂଳ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଯାଇଛି। ଉତ୍କଣ୍ଠରେ ଥିବା ବରାହ ନୃସିଂହଙ୍କ ପାଖରେ ଚନ୍ଦନଲାଗି ଉତ୍ସବ କରାଯାଇଥିବା ବେଳେ ଚମ୍ପାବଣରେ ଥିବା ସଉରା ସବରଙ୍କ ଇଷ୍ଟଦେବ ଅକ୍ଷରବ୍ରହ୍ମଙ୍କ ନିକଟରେ ରୀତିନୀତି ମଧ୍ୟ ପାଳିତ ହୋଇଅଛି। ଅନୁରୂପ ଭାବେ ରୀତିନୀତି ଅନୁସାରେ ଅକ୍ଷୟ ତୃତୀୟା ତିଥି ଅବସରରେ ରଥଯାତ୍ରା ଆଗରୁ ରଥ କାଠ ଅନୁକୂଳ ପୂଜା ସମ୍ପନ୍ନ ହୋଇଯାଇଛି। ରତ୍ନ ସିଂହାସନରେ ବିଜେ ହୋଇଥିବା ଚଳନ୍ତି ପ୍ରତିମା ଯଜ୍ଞ ନୃସିଂହ ବିମାନରେ ଆସି ଯଜ୍ଞ ବେଦିରେ ବିରାଜିତ ପରେ ହୋମଯଜ୍ଞ କରାଯାଇ ଏକ ନୂତନ କାଠକୁ ପୂଜା କରାଯାଇଥିଲା। ଯେଉଁଥିରେ ବିଶ୍ୱକର୍ମା ମହାରଣା ଏକ ଅଷ୍ଟଦଳ ପଦ୍ମ ଖୋଦିତ କରିଥିଲେ।। ପରମ୍ପରା ଅନୁସାରେ ସିଂହାସନରେ ବିରାଜିତ ପଟାକୁ ପୂଜା କରି ଅନୁକୂଳ କରାଯାଇଥିଲା। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ଅଣାଯିବା ପରେ ହୋମଯଜ୍ଞ କରାଯାଇ ତିନୋଟି ରଥର ତିନୋଟି ରଥକାଠ ଅନୁକୂଳ ରୀତିନୀତି ଅନୁସାରେ କରଯାଇଥିଲା ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଭବାନୀ ଆଚାର୍ଯ୍ୟ କହିଛନ୍ତି। ଆଜି ଠାରୁ ୪୨ ଦିନ ବ୍ୟାପି ବାହାର ଓ ଭିତର ଚନ୍ଦନ ଯାତ୍ରା ଆରମ୍ଭ କରାଯାଉଛି ବୋଲି ସେ କହିଛନ୍ତି। ସୌରା ଶବରଙ୍କ ଇଷ୍ଟଦେବ ଅକ୍ଷର ବ୍ରହ୍ମ ଠାରେ ଆଦିବାସୀ ରୀତିନୀତିରେ ମାଟାର ବ୍ରହ୍ମଙ୍କ ପୂଜା କରାଯାଇଥିବା ସେ କହିଛନ୍ତି। ଚନ୍ଦନ ପୋଖରୀ ନିକଟରେ ପ୍ରତିଦିନ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

ରଥକାଠ ଅନୁକୂଳ; ଆରମ୍ଭ ହେଲା ଚନ୍ଦନ ଯାତ୍ରା

# ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ



ପାପଡାହାଣ୍ଡି,୨୦।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଠାରେ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ କରାଯାଇଥିଲା। ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ବାଞ୍ଛାନିଧି ନନ୍ଦ ଓ ସତ୍ୟନାରାୟଣ ନନ୍ଦ ପ୍ରଭୁ ଜଗନ୍ନାଥଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କରିବା ପରେ ରଥ ପାଇଁ ଆଣା ଯାଇଥିବା ନୂତନ କାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ନୂତନ କାଠକୁ ପୁରୁଣା ରଥ କାଠରେ ଜଡିତ କରି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ରଥ କାର୍ଯ୍ୟ ନିର୍ମାଣ କରିବା ଶିଳ୍ପୀ ମାନଙ୍କୁ ଉତ୍ତରୀୟ ଓ ଦକ୍ଷୀଣା ଦେଇ ସମ୍ମାନିତ କରାଯାଇଥିଲା। କାଠ ଅନୁକୂଳ ସମୟରେ ପୂଜକ ନୀଳକଣ୍ଠ ତ୍ରିପାଠୀ, ହରି ପାଣିଗ୍ରହୀ ସାହାଯ୍ୟ ସହଯୋଗ କରିଥିଲେ।

# ପ୍ରାନ୍ତୀୟ ଅଧିବେଶନ ଓ ଜାତୀୟ ସମ୍ମାନ ଉଦ୍‌ଯାପିତ



କୋରାପୁଟ,୨୦।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଏବଂ ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ପଶ୍ଚିମ ପ୍ରାନ୍ତ ମିଳିତ ସହଯୋଗରେ କୋରାପୁଟର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ଧରି ଚାଲିଥିବା ପ୍ରଥମ ପ୍ରାନ୍ତୀୟ ଅଧିବେଶନ ଓ ଜାତୀୟ ସମ୍ମାନ ଉଦଯାପିତ ହୋଇଯାଇଛି। ଅନେକ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରାଧ୍ୟାପକ,ଅଧ୍ୟାପକ, ଗବେଷକମାନଙ୍କ ଦ୍ୱାରା ଓଡିଶା ତଥା କୋରାପୁଟ ଜନଜାତି ମାନଙ୍କର ଖାଦ୍ୟ ପରମ୍ପରା, କଳା ସଂସ୍କୃତି, କୃଷି ପଦ୍ଧତି, ପ୍ରକୃତି ଆଧାରିତ ଜୀବନ ପଦ୍ଧତି ବିଷୟରେ ୨୭ରୁ ଉର୍ଦ୍ଧ୍ୱ ପ୍ରବନ୍ଧ ଉପସ୍ଥାପନା କରାଯାଇଥିଲା। ଆର୍‌ଏସ୍‌ଏସ୍ ରାଷ୍ଟ୍ରୀୟ ସଦଭାବନା ପ୍ରମୁଖ ଡ. ଗୋପାଳ ପ୍ରସାଦ ମହାପାତ୍ର ଉପସ୍ଥିତ ରହି ଆମ ଇତିହାସକୁ କିଭଳି ବିକୃତ କରାଯାଇଛି କହିଥିଲେ। ବର୍ତ୍ତମାନ ବନବାସୀ ସମାଜ ଅନ୍ୟ ଭାରତୀୟ ସମାଜ ଠାରୁ କୌଣସି ଗୁଣରେ କମ ନୁହେଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି ଆମ ବନବାସୀ ସମାଜ ଧନୁତୀର, ଖଣ୍ଡା, ପର୍ଶୁ, ତ୍ରିଶୁଳ ଆଦି ବିଭିନ୍ନ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି ଯାହା ଭଗବାନ ରାମ, ଶିବ, ଦୁର୍ଗା, ପର୍ଶୁରାମଙ୍କର ଅସ୍ତ୍ର ଅଟେ ବୋଲି କହିଥିଲେ। ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ପଶ୍ଚିମର ସଭାପତି ଡ. ଉମାକାନ୍ତ ପଣ୍ଡା, ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମିତିର କୋଷାଧ୍ୟକ୍ଷ ବିଭୁଦତ୍ତ ମହାପାତ୍ର ଙ୍କ ସଂଯୋଜନାରେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶିବପ୍ରସାଦ ଦାଶ, ସୁବାସ ଚନ୍ଦ୍ର ମିଶ୍ର, ଡ. ସନ୍ତୋଷ ମିତ୍ର, ଡ. ପାରେଶ୍ୱର ସାହୁ, ଡ. ଉମାକାନ୍ତ ମହାରଣା ଓ କବିତାଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩୬ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ




ବନ୍ଧୁଗାଁ,୨୦।୪(ସମିସ): ବନ୍ଧୁଗାଁ ବ୍ଲକ ସଭା ଗୃହରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦ୍ୱାରା ୩୬ ଟି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସେଥିରେ ଗୋଷ୍ଠିଗତ ୧୯ ଓ ବ୍ୟକ୍ତିଗତ ୧୭ ଟି ଅଭିଯୋଗ ରହିଥିଲା। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକାଙ୍କ ଉପସ୍ଥିତିରେ ବିଡିଓ ମିନତୀ ଜଗଦେବଙ୍କ ଅଧ୍ୟକ୍ଷତାରେ ଶୁଣାଣି ହୋଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଥିଲେ। ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ, ପିଏଆଇଟିଡିଏ ସ୍ନେହପ୍ରଭା ମାଝୀ, ସିଡିଓ ବେଣୁଧର ଶବର, ଡିଏଫଓ କେ ଭି ଭାସ୍କର ରାଓ, ଡିପିଓ ଯୁଗଳ କିଶୋର ନାୟକ, ଜିଲ୍ଲା ଶିଶୁ ବିଭାଗ ଅଧିକାରୀ ପୁଷ୍ପାଞ୍ଜଳି ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଇ, ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ, ଡିଏସଏସଓ ତରୁଣ ତପନ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଏ ଡି ଓ ସନ୍ତୋଷ କୁମାର ଦଳବେହେରା, ବିଏଓ ସୂର୍ଯ୍ୟକାନ୍ତ ନାହାକ, ଆରଡି ଯନ୍ତ୍ରୀ ରଞ୍ଜିତ କୁମାର ବେହେରା, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ରଶ୍ମି ରଞ୍ଜନ ସାମଲ ସମେତ ଅନେକ ଅଧିକାରୀ ଉପସ୍ଥିତ ରହି ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ଧୁଗାଁ ପୁଲିସ ଥାନା ଆଇଆଇସି ସିନ୍ଧୁ ସାରାକାଙ୍କ ଉପସ୍ଥିତିରେ ପୁଲିସ ଷ୍ଟାଫ ଉପସ୍ଥିତ ଥିଲେ।

